


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

• ବର୍ଷ–୩୦ • ସଂଖ୍ୟା–୩୫୪ • ୨୩ଜାନୁଆରୀ ୨୦୨୪, ମଙ୍ଗଳବାର • ଭୁବନେଶ୍ୱର • Vol -30 • Issue-354 • 23rd January 2024, Tuesday • Bhubaneswar | Licensed to post without pre-payment of postage No- BN-60/22-24





ମୋଦି ସରକାରଙ୍କ ଗ୍ୟାରେଣ୍ଟି

ଦେଶର ବିକାଶରେ ନାରୀଶକ୍ତିଙ୍କ ସକ୍ରିୟ ଭାଗିଦାରୀ

ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ

ଆମ ସଂକଳ୍ପ ବିକଶିତ ଭାରତ

ଚାଷ ସହିତ ଟେକ୍ନୋଲୋଜିକୁ ଯୋଡ଼ିବ ନମୋ ଡ୍ରୋନ ଦିଦି

ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୧୦ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ବଳ ଯୋଗାଇବ




# ରାମ ମନ୍ଦିର ପ୍ରତିଷ୍ଠା, ବିଜୟ ସହ ବିନୟର କ୍ଷଣ



**ଅଯୋଧ୍ୟା, ୨୨।୧**

ସମୟର କାଳଚକ୍ରରେ ଆଜିର ଦିନ କାଳ କାଳ ପାଇଁ ସାକ୍ଷୀ ହୋଇ ରହିବ। ହଜାର ବର୍ଷ ପରେ ବି ଲୋକେ ଆଜିର ତାରିଖକୁ ଚର୍ଚ୍ଚା କରିବେ। ଆମେ ଅତ୍ୟନ୍ତ ଭାଗ୍ୟବାନ, ଏହି ମୁହୂର୍ତ୍ତକୁ ଦେଖୁଛୁ। ଶହ ଶହ ବର୍ଷ ଅପେକ୍ଷାର ଅନ୍ତ ଘଟିଲା। ଜନ୍ମଭୂମିରେ ବିରାଜିଲେ ପ୍ରଭୁ ଶ୍ରୀରାମ। କେବଳ ଅଯୋଧ୍ୟା ନୁହେଁ ସମଗ୍ର ଭାରତ ବର୍ଷ ଆଜି ରାମମୟ ହୋଇଯାଇଛି। ମୁଖ୍ୟ ଯଜମାନ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା କରାଇଛନ୍ତି। ଏହାପରେ ଦେଶବାସୀଙ୍କୁ ସମ୍ବୋଧିତ କରି 'ରାମ ଆସିଗଲେ, ରାମ ଆସିଗଲେ' ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ।

ରାମ ଆଉ ଟେଣ୍ଟ ଘରେ ନୁହେଁ, ମନ୍ଦିରରେ ରହିବେ। ସମୟର କାଳଚକ୍ରରେ ଆଜିର ଦିନ କାଳ *(ପୃଷ୍ଠା ୭ରେ)*

## ମୋଦି ପିଇଲେ ଚରଣାମୃତ, ଭାଙ୍ଗିଲେ ୧୧ ଦିନର ବ୍ରତ

**ଅଯୋଧ୍ୟା, ୨୨।୧**

ଅଯୋଧ୍ୟା ରାମ ମନ୍ଦିରର ଉଦ୍‌ଘାଟନ ସରିଛି । ବିରାଜି ସାରିଛନ୍ତି ରାମଲାଲା। ରାମଙ୍କ ପବିତ୍ର ବିଗ୍ରହର ପ୍ରାଣ ପ୍ରତିଷ୍ଠା ମଧ ହୋଇ ସାରିଛି ।ଏହି ସମାରୋହ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ବ୍ରତ ଭାଙ୍ଗିଛନ୍ତି । ଭଗବାନ ରାମଙ୍କ ଆଖିରୁ ପଟି ଖୋଲିବା ପରେ ମୋଦି ଚରଣାମୃତ ପିଇ ନିଜ ୧୧ ଦିନର ଉପବାସ ଭାଙ୍ଗିଛନ୍ତି।

ନିଜ ୧୧ ଦିନର ଉପବାସକୁ ପ୍ରଧାନମନ୍ତ୍ରୀ ମୋଦି ସଫଳତାର ସହ ପୂରା କରିଛନ୍ତି । ଏଥିପାଇଁ ଗୋବିନ୍ଦ ଦେବ ଗିରି ମହାରାଜ ତାଙ୍କ ଭକ୍ତିର ପ୍ରଶଂସା କରିଛନ୍ତି। ଏଥିସହ ସେ ମୋଦିଙ୍କୁ ଚରଣାମୃତ ପିଆଇ ତାଙ୍କ ବ୍ରତ ଭାଙ୍ଗିଛନ୍ତି।



ଜାନୁଆରୀ ୧୨ ତାରିଖରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମାରୋହ ପର୍ଯ୍ୟନ୍ତ ଅର୍ଥାତ ୧୧ ଦିନ ଯାଏ ଉପବାସ ରହିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ। ଏକ ଅଡିଓ ମେସେଜ ଜରିଆରେ ତାଙ୍କ ଅଫିସିଆଲ ୟୁଟ୍ୟୁବ ଚ୍ୟାନେଲରେ ପ୍ରଧାନମନ୍ତ୍ରୀ ଏହି ବାର୍ତ୍ତା ଦେଇଥିଲେ। ଅଯୋଧ୍ୟାରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପୂର୍ବରୁ *(ପୃଷ୍ଠା ୭ରେ)*

## କ୍ୟାବିନେଟରେ ୧୪ ପ୍ରସ୍ତାବକୁ ମଞ୍ଜୁରୀ

# ଓଡ଼ିଶାରେ ଜେଏସଡବ୍ଲୁ ନିର୍ମାଣ କରିବ ଇଭି ଯାନ ଓ ବ୍ୟାଟେରୀ



**ଭୁବନେଶ୍ୱର, ୨୨।୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ତିଆରି ହେବ ଇଲେକ୍ଟ୍ରୋନିକ୍ ଭେଇକିଲ୍(ବିଦ୍ୟୁତ୍ ଚାଳିତ ଯାନ) ଓ ବ୍ୟାଟେରୀ। ଜେଏସଡବ୍ଲୁ ଏହି ଇଭି ଯାନ ଓ ବ୍ୟାଟେରୀ ନିର୍ମାଣ କରିବ। କଟକ ଜିଲ୍ଲାର ନରାଜ ଠାରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେଉଥିବା ଏହି କାରଖାନାରେ ପ୍ରାୟ ୧୨ ହଜାର ଲୋକ ନିଯୁକ୍ତି ପାଇବେ । *(ପୃଷ୍ଠା ୭ରେ)*

## ସଜେଇ ହେଉଛି ଓଡ଼ିଆ ବିଶ୍ୱବିଦ୍ୟାଳୟ ୨୪ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ସାକ୍ଷୀଗୋପାଳ, ୨୨।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଗୋଟିଏ ଗୋଟିଏ ପାହଚ ଅତିକ୍ରମ କରୁଛନ୍ତି । ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରି ଓଡ଼ିଆ ଇତିହାସରେ ଏକ ପର୍ବ ଯୋଡ଼ି ଥିଲେ। ଏବେ ବହୁ ଶୀଘ୍ର ସେହି ଇତିହାସ ପୃଷ୍ଠାରେ ଆଉ ଏକ ପୃଷ୍ଠା ଯୋଡି ହେବାକୁ ଯାଉଛି । ବହୁ ପ୍ରତୀକ୍ଷିତ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୪ ତାରିଖରେ ଉଦ୍‌ଘାଟନ କରିବେ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

୨୪ ତାରିଖ ସକାଳ ୧୧ଟା ବେଳେ ସତ୍ୟବାଦୀ ହାଇସ୍କୁଲ ଖେଳପଡ଼ିଆରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହେବ। ଏହି ଅବସରରେ *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମାରୋହର ସିଧା ପ୍ରସାରଣ ଦେଖିଲେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ

**ଭୁବନେଶ୍ୱର, ୨୨।୧**
**ନ୍ୟୁଜ୍ ବ୍ୟୁରୋ**

ଅଯୋଧ୍ୟା ଦିବ୍ୟ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମାରୋହର ସିଧା ପ୍ରସାରଣ ଦେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଦିବ୍ୟ ଦୁର୍ଲ୍ଲଭ ମୁହୂର୍ତ୍ତକୁ ଦର୍ଶନ କଲାବେଳେ ହାତଯୋଡି ପ୍ରାର୍ଥନା କରିଛନ୍ତି ନବୀନ । ଏହି ସମୟରେ ସେଠାରେ ଉପସ୍ଥିତ ଥିଲେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ।

ସାରା ଦେଶ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାରେ ବିଭୋର। ଦେଶବାସୀ ଏହି ମୁହୂର୍ତ୍ତକୁ ଚାହିଁ ରହିଥିବାବେଳେ ସୋମବାର ପୂର୍ବ ନିର୍ଦ୍ଧାରିତ ରୀତିନୀତି ଅନୁସାରେ ପ୍ରାଣ ପ୍ରତିଷ୍ଠା ସମ୍ପନ୍ନ ହୋଇଛି । ସୁନା ବେଶରେ ରାମଲାଲାଙ୍କ ମନୋରମ ଛବି ମନ ମୋହୁଛି। ମଙ୍ଗଳବାର ଠାରୁ ସର୍ବସାଧାରଣ ଦର୍ଶନ ।





## ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ, ରଞ୍ଜନ ଦାସ ହେଲେ କେନ୍ଦ୍ରାଞ୍ଚଳ ଆରଡିସି

# ଖୋର୍ଦ୍ଧା ଜିଲ୍ଲାପାଳ ହେଲେ ଚଞ୍ଚଳ ରଣା

**ଭୁବନେଶ୍ୱର, ୨୨।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି । ଏଥିରେ ୧୭ଜଣ ଜିଲ୍ଲାପାଳଙ୍କ ବଦଳି କରାଯାଇଛି। ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଥିବା ତେମେଜଙ୍ଗ ଓ୍ୱାପଙ୍ଗ ଆଓଙ୍କୁ ସରକାରୀ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ସଚିବ ଥିବା ଶ୍ରୀକାନ୍ତ ପ୍ରୁଷ୍ଟିଙ୍କୁ ଉତ୍ତରାଞ୍ଚଳ ଆରଡିସି (ସମ୍ବଲପୁର) ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ରଞ୍ଜନ କୁମାର ଦାସଙ୍କୁ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ନିଯୁକ୍ତି ମିଳିଛି। ପୁରୀ ଜିଲ୍ଲାପାଳ ଥିବା ସମର୍ଥ ବର୍ମାଙ୍କୁ ଶ୍ରୀମନ୍ଦିର ପ୍ରଶାସନର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦିଆଯାଇଛି।





ସେହିଭଳି ଖୋର୍ଦ୍ଧା ଜିଲ୍ଲାପାଳ ଥିବା କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଲଘୁ ଖଣିଜ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। କଟକ ମ୍ୟୁନିସିପାଲ *(ପୃଷ୍ଠା ୭ରେ)*

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋ ସମସ୍ତ ସରକାରୀ ଗାଡିରେ ବ୍ୟବହାର ହେବ

**ଭୁବନେଶ୍ୱର, ୨୨।୧**
**ନ୍ୟୁଜ୍ ବ୍ୟୁରୋ**

ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଉନ୍ମୋଚିତ ଲୋଗୋକୁ ବହୁଳ ବ୍ୟବହାର କରାଯିବ । ସମସ୍ତ ବିଭାଗୀୟ ପତ୍ରାଳାପରେ ଏହାକୁ ବ୍ୟବହାର କରାଯିବ । ଏନେଇ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା । ସମସ୍ତ ସରକାରୀ ଗାଡିରେ ଏହି ସମ୍ମିଳନୀ ଲୋଗୋକୁ ବ୍ୟବହାର ସହ ରାଜ୍ୟର ବିଭିନ୍ନ ପ୍ରମୁଖ ସ୍ଥାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟର କାନ୍ଥରେ ମଧ୍ୟ ଏହାକୁ ଚିତ୍ରଣ କରାଯିବ। ଏପରିକି ଜିଲ୍ଲା ସ୍ତରରେ ମଧ୍ୟ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ। ଦେଶରେ ଅନ୍ୟତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଥିବା ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର *(ପୃଷ୍ଠା ୭ରେ)*

## ଅର୍ପଣ ରଥରେ ସଂଗୃହୀତ ପ୍ରତ୍ୟେକ ସାମଗ୍ରୀ ଶ୍ରୀକ୍ଷେତ୍ର ଆସିବ

**ପୁରୀ, ୨୨।୧ : ନ୍ୟୁଜ୍ ବ୍ୟୁରୋ**

ପୁରୀ ଆସିବ ଅର୍ପଣ ଟଙ୍କା। ଅର୍ପଣ ରଥରେ ସଂଗୃହୀତ ପ୍ରତ୍ୟେକ ସାମଗ୍ରୀ ଏବଂ ଦାନ ଅର୍ଥ ଶ୍ରୀକ୍ଷେତ୍ର ଆସିବ। ଏସବୁ ମହାପ୍ରଭୁଙ୍କ କାମରେ ଲାଗିବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ତେବେ ଅର୍ପଣ ରଥରେ ସଂଗୃହୀତ ଦାନ ଟଙ୍କା ଶ୍ରୀମନ୍ଦିର ଡୋନେସନ ସେଲରେ ଜମା ହେବ । ପ୍ରତି ଜିଲ୍ଲାରୁ ପ୍ରତିନିଧି ଏହି ଟଙ୍କା ଆଣି ଶ୍ରୀମନ୍ଦିର କାର୍ଯ୍ୟାଳୟ ଡୋନେସନ ସେଲରେ ଦେବେ। ୨୫ ତାରିଖ ପର୍ଯ୍ୟନ୍ତ ଏହି ସେଲରେ ଟଙ୍କା ଦିଆଯିବ। ଏଥିପାଇଁ ସ୍ୱତନ୍ତ୍ର ଭାବେ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ସେମାନେ ଏହି ଟଙ୍କା ଗଣତି କରି ରଖିବେ । ସେହିପରି ଅର୍ପଣ ରଥରେ *(ପୃଷ୍ଠା ୭ରେ)*



## ଓଡ଼ିଶାକୁ କୁମ୍‌କି ହାତୀ ଯୋଗାଣ ପାଇଁ ତାମିଲନାଡୁ ସରକାରଙ୍କୁ ଚିଠି

**ଭୁବନେଶ୍ୱର, ୨୨।୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାକୁ ୪ଟି ତାଲିମପ୍ରାପ୍ତ କୁମ୍‌କି ହାତୀ ଯୋଗାଇ ଦେବା ପାଇଁ ଜଙ୍ଗଲ,ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟ ଭୂଷଣ ସାହୁ ତାମିଲନାଡୁ ସରକାରଙ୍କୁ ଏକ ଚିଠି ଲେଖିଛନ୍ତି।

ତାମିଲନାଡୁ ସରକାରଙ୍କ ପରିବେଶ, ଜଳବାୟୁ ପରିବର୍ତ୍ତନ ତଥା ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟସଚିବ *(ପୃଷ୍ଠା ୭ରେ)*

## ଏକାଳ ସକାଳ





ଗଗନ ପବନ ପ୍ରକମ୍ପିତ ହୁଏ
ଜୟଶ୍ରୀରାମ ଧ୍ୱନି
ଜନତାଠୁ ନେତା ସଭିଏଁ ବିହ୍ୱଳ
ଝୁମୁଛନ୍ତି ଋଷି ମୁନି
ବିରୋଧୀ ହୋଇଣ ତୁନି
ରାମନାମ ମୁଖେ ଜପିଜପି
ଦୁଇ ହାତେ ବଜା ଗିନି।

## ଚନ୍ଦ୍ରଯାନ-୩ ମିଶନର ଆଉ ଏକ ସଫଳତା: ଲ୍ୟାଣ୍ଡିଂର ୫ ମାସ ପରେ କମାଲ ଦେଖାଇଲା ଲ୍ୟାଣ୍ଡର



**ନୂଆଦିଲ୍ଲୀ, ୨୨।୧**

ଚନ୍ଦ୍ରଯାନ ମିଶନକୁ ନେଇ ଆଉ ଏକ ଖୁସି ଖବର ଦେଲା ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ। ଇସ୍ରୋ କହିଛି ଚନ୍ଦ୍ରଯାନ-୩ ଲ୍ୟାଣ୍ଡରର ଉପକରଣ ଚନ୍ଦ୍ରର ଦକ୍ଷିଣ ମେରୁରେ ଲୋକେସନ ମାର୍କର ବା ସ୍ଥାନ ନିରୂପକ ଭାବେ କାମ କରିବା ଆରମ୍ଭ କରିଦେଇଛି । ସୂଚନାରୁ ଜଣାପଡ଼ିଛି ଚନ୍ଦ୍ରଯାନ-୩ ଲ୍ୟାଣ୍ଡରରେ ଥିବା ଲେଜର ରେଟ୍ରୋରିଫ୍ଲେକ୍ଟର ଏରେ କାର୍ଯ୍ୟ କରିବା ଆରମ୍ଭ କରିଦେଇଛି । ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାର ଲୁନାର ରିକୋନିସନ ଅର୍ବିଟର ୨୦୨୩ ଡିସେମ୍ବର ୧୨ରେ ସଫଳତାର ସହ ସିଗ୍ନାଲ ଦେଉଥିବାର କହିଥିଲା ଓ ଲେଜର ରେଞ୍ଜ ହାସଲ କରିଥିଲା।

ଏଲ୍‌ଆରଓ ହେଉଛି ନାସାର କକ୍ଷପଥ, ଯାହା ଚନ୍ଦ୍ରର କକ୍ଷପଥରେ ଘୁରି ବୁଲୁଛି । ଏହି ଏଲ୍‌ଆରଓ ନିଜେ ଚନ୍ଦ୍ରଯାନ -୩ର ଲ୍ୟାଣ୍ଡରରେ ସ୍ଥାପିତ ଏଲ୍‌ଆରଏରୁ ପ୍ରାପ୍ତ ସଙ୍କେତ ନେଇ ଲେଜର ପରିସର ମାପ କରିଥିଲା। ବର୍ତ୍ତମାନ ଏହି ମାପର ସାହାଯ୍ୟରେ ଚନ୍ଦ୍ରକୁ ପଠାଯାଇଥିବା ମିଶନଗୁଡିକ ବହୁତ ଲାଭବାନ ହେବ।

ଚନ୍ଦ୍ରାୟଣ-୩ ଲ୍ୟାଣ୍ଡରରେ ଲଗାଯାଇଥିବା ଲେଜର ରିଟ୍ରୋରେଫ୍ଲେକ୍ଟର ନାସା ଦ୍ୱାରା ବିକଶିତ ହୋଇଛି, ଯାହା ଅନ୍ତର୍ଜାତୀୟ *(ପୃଷ୍ଠା ୭ରେ)*

## ଝିପିଝିପି ବର୍ଷା, କୋହଲା ପାଗ ବଢାଉଛି ଶୀତ

**ଭୁବନେଶ୍ୱର, ୨୨।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପାଣିପାଗରେ ପରିବର୍ତ୍ତନ ହୋଇଛି । ବିଭିନ୍ନ ଅଞ୍ଚଳରେ ହାଲୁକା ବର୍ଷା ହୋଇଛି। କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଶୀତକୁ ବଢାଇଦେଇଛି। ଦକ୍ଷିଣ ଉପକୂଳ ଓଡିଶା ସମେତ, କଟକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ତଥା କିଛି ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାଗୁଡିକରେ ଗୁରୁଚାପ ବଳୟ ପ୍ରଭାବରେ ଲାଗିରହିଛି ବର୍ଷା।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ, ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କୋହଲା ପାଗ ଜାରି ରହିଛି । ଦିନ ଓ ରାତି ତାପମାତ୍ରାରେ ସେତେଟା ଫରକ ଦେଖିବାକୁ ମିଳିନି । ଗୁରୁଚାପ ବଳୟର ସକ୍ରିୟତା ଆଗାମୀ ୨୫ ତାରିଖ ଯାଏଁ ରହୁଥିବାରୁ, ରାଜ୍ୟର କିଛି ଜିଲ୍ଲାରେ ବର୍ଷାର ପ୍ରଭାବ ଲାଗିରହିବ, ୨୬ ତାରିଖ ପରେ ପାଗରେ ପରିବର୍ତ୍ତନର *(ପୃଷ୍ଠା ୭ରେ)*







# ମହାନଦୀରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଜୀବନରେଖା କୁହାଯାଉଥିବା ମହାନଦୀ ଉପରେ ବୀରମହାରାଜପୁର ବ୍ଲକର ଜଟେସିଙ୍ଘା ପଞ୍ଚାୟତର ଗୋଧନେଶ୍ୱର ଠାରେ ହେବାକୁଥିବା ଅନ୍ତନଦୀ ଜଳାଶୟର ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜଟେସିଙ୍ଘା ହାଇସ୍କୁଲ ପ୍ରାଙ୍ଗଣ ଅନୁଷ୍ଠିତ ଏକ ବିରାଟ ସାଧାରଣ ସଭାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର ପ୍ରମୁଖ ଯୋଗଦେଇଥିଲେ ଓ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଏହି ପ୍ରକଳ୍ପ ରାଜ୍ୟ ସରକାର ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହିତ ଏହି ପ୍ରକଳ୍ପ ଦ୍ୱାରା ବିଶେଷ ଭାବରେ ଉଭୟ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର କୃଷକ, ମତ୍ସ୍ୟଜୀବୀ, ପଶୁପାଳକ ଉପକୃତ ହେବା ସହିତ ବନ୍ୟାକୁ ମଧ୍ୟ ନିୟନ୍ତ୍ରିତ କରାଯାଇପାରିବ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଓ ଫାଇଭ୍‌ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନୁଗର୍ଗ ପ୍ରକଳ୍ପ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅନ୍ତଃନଦୀ ଜଳାଶୟ ଯୋଜନାରେ ନଦୀ ଭିତରେ ଜଳ ସଂରକ୍ଷଣ ଯୋଜନା ପାଇଁ ରାଜ୍ୟ ସରକାର ୧୦୨୪ କୋଟି ୮୧ ଲକ୍ଷ ଟଙ୍କା ମଞ୍ଜୁରୀ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିବା ସହିତ ସରକାର ସବୁବେଳେ ଚାଷୀ, ମହିଳା ଓ ସମସ୍ତ ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ଦୀର୍ଘମିଆଦୀ ଯୋଜନା କରୁଛନ୍ତି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର କୃଷି ପରାମର୍ଶଦାତା କମିଟିର ଅଧ୍ୟକ୍ଷ ବିବସ୍ୱତି ପଣ୍ଡା ମୁଖ୍ୟମନ୍ତ୍ରୀ ଓ ଫାଇଭ୍‌ଟି ଅଧ୍ୟକ୍ଷଙ୍କୁ ଅଞ୍ଚଳବାସୀଙ୍କ ତରଫରୁ କୃତଜ୍ଞତା ଜଣାଇବା ସହିତ ଏହି ପ୍ରକଳ୍ପ ମାଧ୍ୟମରେ ଚାଷୀ, ମାଛଚାଷୀ ମାନଙ୍କ ସହିତ ଇକୋ ଟୁରିଜିମ୍ ବିକଶିତ ହେବ ଏବଂ ଅଞ୍ଚଳରେ ଦାଦନ ସଂଖ୍ୟା ରହିବ ନାହିଁ ବୋଲି କହିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଏହି ପ୍ରକଳ୍ପ ବିନା ବିସ୍ଥାପନ ଏବଂ ବିନା ଜମି ଅଧିଗ୍ରହଣରେ କାର୍ଯ୍ୟକାରୀ ହେବ । ଏହାଦ୍ୱାରା ଉଭୟ ଜିଲ୍ଲାର ପାନୀୟ ଜଳ ସମସ୍ୟା ସମାଧାନ ସହିତ ଉଠା ଜଳସେଚନ ମାଧ୍ୟମରେ ହଜାର ହଜାର ଚାଷୀ ଉପକୃତ ହେବେ ଏବଂ ବଢ଼ି ଓ ମରୁଡ଼ିର ସମାସ୍ୟା ରହିବ ନାହିଁ । ଗୋଧନେଶ୍ୱର ପ୍ରକଳ୍ପରେ ୭୬ଟି ଫାଟକ ନିର୍ମାଣ କରିବାର ବ୍ୟବସ୍ଥା ରହିଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାର ୩୦ ଖଣ୍ଡ ଗାଁର କୃଷକ ଉପକୃତ ହେବେ । ଜଳାଶୟର ହାରାହାରି ଜଳପତନ ୪ ମିଟର ରହୁଥିବାରୁ ଦୁଇଟି ମେଗା ଉଠାଜଳସେଚନ ପ୍ରକଳ୍ପ ସହିତ ଶତାଧିକ ପ୍ରକଳ୍ପ ପାଇଁ ଜଳର ଅସୁବିଧା ରହିବନାହିଁ ବୋଲି ଜଳସେଚନ ବିଭାଗ ତରଫରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ତହସିଲଦାର ଅମୃତ ଲାଲ୍ ବେହେରା, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ବୀରମହାରାଜପୁର ବିଜେଡ଼ି ବ୍ଲକ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଜିଲ୍ଲାପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ସରପଞ୍ଚ ସଂଘ ସଭାପତି ଶ୍ରୀୟା କର୍ମୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ବହୁ ମାନ୍ୟଗନ୍ୟ ବ୍ୟକ୍ତି ସମେତ ପାଞ୍ଚ ହଜାରରୁ ଅଧିକ ଲୋକ ସାମିଲ ହୋଇଥିଲେ । ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ପରେ ସମଗ୍ର ବୀରମହାରାଜପୁର ଅଞ୍ଚଳବାସୀଙ୍କ ମନରେ ଆନନ୍ଦ ଖେଳିଯାଇଛି ।



# କେନାଲ ରାସ୍ତା ତଦାରଖ କଲେ ଅଧିକ୍ଷଣ ଯନ୍ତ୍ରୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ଶ୍ୟାମସୁନ୍ଦରପୁର ଗଡା ଠାରୁ ବାହାରିଥିବା କେନାଲ ୬ନଂ, ୫ନଂ ଓ ୪ ନଂ ୱାର୍ଡ ଦେଇ ଶ୍ୟାମଗୁଡିଆର ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟ ଯାଏ ଯାଇଥିବା ବେଳେ ଏହାର ବନ୍ଧ ରାସ୍ତା ଦୀର୍ଘ ଦିନ ହେବ ଅବ୍ୟବହୃତ ଓ ଖାଲଖମାରେ ଭର୍ତ୍ତି ହୋଇଥିଲା । ତେବେ ଏହାକୁ ଗମନଯୋଗ୍ୟ କରିବା ପାଇଁ ଜିଲ୍ଲା ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କ ପ୍ରସ୍ତାବ କ୍ରମେ ଯୋଜନା ପ୍ରସ୍ତୁତ କରାଯାଇ ବିଭାଗୀୟ ମଞ୍ଜୁର ସହ ୪ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତାକୁ ପୁନରୁଦ୍ଧାର ଓ ନବୀକରଣ କରାଯାଇଛି । ଏହି କେନାଲ ବନ୍ଧ ରାସ୍ତା ପ୍ରାୟ ୫ କିମି ଲମ୍ବ ଓ ୪ ମିଟର ଚଉଡା ହୋଇଥିବା ବେଳେ ଏହା ନବୀକରଣ କରାଯାଇଥିବାରୁ ସହରର ଟ୍ରାଫିକ୍ ସମସ୍ୟା ସମାଧାନରେ ସହାୟକ ହୋଇପାରିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏହି ବାଟ ଦେଇ ଦୈନିକ ଭରତପୁର, ଶ୍ୟାମସୁନ୍ଦରପୁର, ବଗଡା, ଜମଧର, ଚକଡା ପ୍ରଭୃତି ପଞ୍ଚାୟତର ହଜାର ହଜାର ଲୋକ ନୂଆ ଡାକ୍ତରଖାନା, ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରଭୃତି ସ୍ଥାନକୁ ଯାତାୟାତ କରିବାରେ ସୁବିଧା ହୋଇପାରିଛି । ବର୍ଷା ଦିନେ ରାସ୍ତା ଧୋଇ ନହେବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ଅଞ୍ଚଳ ବାସିନ୍ଦାମାନେ ଦାବି କରିଛନ୍ତି । ତେବେ ଏହି ନବୀକରଣ କାର୍ଯ୍ୟ ଚାଲୁଥିବାରୁ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଏସଡିଓ ଧରଣୀଧର ବେହେରା, ଜେଇ ଶରତ ଚନ୍ଦ୍ର ମଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କାମ ତଦାରଖ କରିବା ସହିତ ସମୟସୀମା ଭିତରେ କାର୍ଯ୍ୟ ସାରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ନୀଳଗିରିରେ ସ୍ଥାପିତ ହେବ ସରକାରୀ ଆଇଟିଆଇ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡ ମହକୁମା ସହରରେ ସ୍ଥାପିତ ହେବ ସରକାରୀ ଆଇଟିଆଇ ବା ଶିଳ୍ପ ତାଲିମ କେନ୍ଦ୍ର । ରାଜ୍ୟ ସରକାର ସେଥିପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ସେଥିପାଇଁ ୨୧କୋଟି ୮୦ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି । ନୀଳଗିରି ରାଡାର ରାସ୍ତା ପାର୍ଶ୍ୱରେ ଜମି ଚିହ୍ନଟ କରାଯିବା ପରେ ପ୍ରସ୍ତାବିତ ଆଇଟିଆଇ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ନକ୍ସା ଓ ଅଟକଳ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ କରାଯାଇ ଚୂଡ଼ାନ୍ତ ଅନୁମୋଦନ ପାଇଁ ପଠାଯାଇଛି । ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଉପଖଣ୍ଡର ଯୁବକ ଯୁବତୀ ମାନଙ୍କୁ ବୈଷୟିକ ଜ୍ଞାନ କୌଶଳ ପ୍ରଶିକ୍ଷଣ ନିମନ୍ତେ ଏକ ସରକାରୀ ଆଇଟିଆଇ ସ୍ଥାପନର ଆବଶ୍ୟକତା ଅନୁଭୂତ ହେଉଥିଲା । ଏହି ଆଇଟିଆଇ ସ୍ଥାପିତ ହେଲେ ନୀଳଗିରି, ଔପଦା, ବାହାନଗା, ରେମୁଣା ବ୍ଲକ ସମେତ ପଡ଼ୋଶୀ ମୟୁରଭଞ୍ଜ ଜିଲ୍ଲାର ବିସ୍ତୀର୍ଣ୍ଣ ଅଞ୍ଚଳର ଯୁବାବର୍ଗ ଯଥେଷ୍ଟ ଉପକୃତ ହୋଇପାରିବେ ।

# ଓଡ଼ିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ-୨୦୨୪

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଓଡ଼ିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ-୨୦୨୪ ଜଳେଶ୍ୱର ବ୍ଲକ ଶିଖରପୁର ଶ୍ରୀଶ୍ରୀ ବରାଳବାଲୁକେଶ୍ୱର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଜନୀ ହାଁସଦାଙ୍କ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବନବିହାରୀ ପ୍ରଧାନ ଯୋଗଦେଇଥିଲେ । ଗୌରୀଶଙ୍କର ବ୍ରହ୍ମ ଓ ସୁଶାନ୍ତ କୁମାର ଗିରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୪ଟି କ୍ଲବ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ସାହିତ୍ୟ ସୃଜନୀ କ୍ଲବ ପ୍ରଥମ, କୌଶଳୀ କ୍ଲବ ଦ୍ୱିତୀୟ ଓ କ୍ରୀଡାଙ୍ଗନା କ୍ଲବ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅତିଥିମାନେ ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




# ଚାକିରି ନାଁରେ ୭ ଲକ୍ଷ ୫୦ ହଜାର ଠକେଇ ଅଭିଯୋଗ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଚାକିରି ପାଇବା ଆଶାରେ ଜଣେ ଯୁବକ ୭ ଲକ୍ଷ ୫୦ ହଜାର ଟଙ୍କା ହରାଇଥିବା ଜଣାପଡ଼ିଛି । ଜଣେ ବ୍ୟକ୍ତି ଆର୍‌ଆଇ ଚାକିରିରେ ନିଯୁକ୍ତି କରାଇଦେବି କହି ଯୁବକଙ୍କ ଠାରୁ ୭ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଆଙ୍କୁଲି ସୁବାଷ ନଗର ପ୍ରଥମ ଲାଇନ୍‌ରେ ଭଡ଼ାରେ ରହୁଥିବା ନମିତା ନାହାକ ନାମକ ଜଣେ ମହିଳାଙ୍କ ପୁଅକୁ ଆର୍‌ଆଇ ଚାକିରୀ କରାଇଦେବ କହି ବେଲଗାଁ ନିକଟସ୍ଥ ଗଣ୍ଡାଳାର ଗ୍ରାମର ଜଣେ ଯୁବକ ୭ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲା । ଟଙ୍କା ନେଣଦେଣ ବେଳେ ନମିତା ଯେଉଁ ଘରେ ଭଡ଼ାରେ ରହୁଛନ୍ତି ସେହି ଘରର ମାଲିକ ଉପସ୍ଥିତ ଥିଲେ । ହେଲେ ୨ ବର୍ଷ ଯାଏଁ ନମିତାଙ୍କ ପୁଅର ଚାକିରି ହୋଇନଥିଲା । ଏହା ଭିତରେ ନମିତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଥିଲା । ଚାକିରି ନହେବାରୁ ସମ୍ପୃକ୍ତ ଯୁବକଙ୍କୁ ସାହୁଙ୍କୁ ନମିତା ଟଙ୍କା ଫେରାଇ ଦେବାକୁ କହିବାରୁ ସେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ । ଯାହାକୁ ନେଇ ନମିତା ଥାନାରେ ଅଭିଯୋଗ କରିଛନ୍ତି ।

# ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଗଦ୍ରଙ୍ଗିଆ ନିକଟ ୫୯ ନଂ ଜାତୀୟ ରାଜପଥରେ ଟ୍ରକ୍ ସହ ମୋଟରସାଇକେଲ ଧକ୍କା । ଫଳରେ ମୋଟରସାଇକେଲ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତକ ଜଣକ ତୁମୁଡ଼ିବନ୍ଧ ଥାନା ଝରିଆପଦା ଅଞ୍ଚଳର ମଞ୍ଜ ପ୍ରଧାନୀ ହୋଇଥିବା ସୂଚନା ମିଳିଛି । ଖବରପାଇ ବାଲିଗୁଡ଼ା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ସମ୍ପୃକ୍ତ ଟ୍ରକ୍ ଓ ଚାଳକକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ମୃତକ ଜଣକ ବାଲିଗୁଡ଼ା ପଟୁ ତୁମୁଡ଼ିବନ୍ଧ ଅଭିମୁଖେ ମୋଟର ସାଇକେଲ ଯୋଗେ ଯାଉଥିବା ବେଳେ ଆଗରେ ଯାଉଥିବା ଏକ ଟ୍ରକ୍‌କୁ ଧକ୍କା ଦେବାପରେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ସହ ଧକ୍କା ହୋଇ ଗୁରୁତର ଆହାତ ହୋଇ ପଡ଼ିଥିଲେ । ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକ ପୋଲିସକୁ ସୂଚନା ଦେବାପରେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ମୋଟର ସାଇକେଲ ଚାଳକକୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ କିନ୍ତୁ ଡାକ୍ତର ତାଙ୍କର ମୃତ୍ୟୁ ଘଟିଥିବା ପ୍ରକାଶ କରିଥିଲେ ।

# ଶିକ୍ଷାବିତ୍ ସ୍ୱର୍ଗତ ଯୁଗଳ କିଶୋରଙ୍କ ପାଇଁ କଂଗ୍ରେସର ତିଳତର୍ପଣ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ପିତା ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ଯୁଗଳ କିଶୋର ପଟ୍ଟନାୟକଙ୍କ ଦ୍ୱାଦଶ ଦିବସରେ ଯାଜପୁରରେ ସ୍ଥିତ ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ ଠାରେ ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତଙ୍କ ନେତୃତ୍ୱରେ ଏକ ତିଳ ତର୍ପଣ, ଶ୍ରଦ୍ଧାସୁମନ ସଭା ସହ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକାରୀ ସଭାପତି ଶ୍ରୀ ରାଉତଙ୍କ ଆହ୍ୱାନ କ୍ରମେ ଜିଲ୍ଲା କଂଗ୍ରେସ କମିଟିର ସମସ୍ତ କର୍ମକର୍ତ୍ତା ଦଶାଶ୍ୱମେଧ ଘାଟ ଠାରେ ଉପସ୍ଥିତ ହୋଇ ସ୍ୱର୍ଗତ ପଟ୍ଟନାୟକଙ୍କ ତିଳ ତର୍ପଣ କରିବା ସହ ତାଙ୍କ ଗୁଣାବଳୀକୁ ବର୍ଣ୍ଣନା କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ତତ୍‌ପରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପଣ୍ଡା, ନାରାୟଣ ଚନ୍ଦ୍ର ସାମନ୍ତ, କନକଲତା ମଲିକ, ଆରତୀ ଦେଓ, ରାଜୀବ ମହାପାତ୍ର, ରଂଜିତା ରାଉତ, ଖଗେଶ୍ୱର ମଲିକ, ବଳଭଦ୍ର ଦାସ, ଭାସ୍କର ମହାନ୍ତି, ସଂଗ୍ରାମ ଜେନା, ଅକ୍ଷୟ ଶତପଥୀ, ଗଦାଧର ଦାସ, ହୃଷିକେଶ ଜେନା, ସନ୍ତୋଷ କୁମାର ସାହୁ, ରଘୁନାଥ ସାହୁ, କପିଳେଶ୍ୱର ଦଳାଇ, ବିଦ୍ୟାଧର ବାରିକ, ପରିମଳ ବିଶ୍ୱାଳ, ଅର୍ଣ୍ଣବ ମିଶ୍ର, ଅରଜିତ ନାୟକ, ପ୍ରଦୀପ ବେହୁରିଆ, ଅନିରୁଦ୍ଧ ରାଉତ, ପ୍ରକାଶ ଦେଓ, ଧନେଶ୍ୱର ମଲିକ, ଅମିତ କୁମାର ଦେଓ, କନକଲତା ରାଉତ, ବିଜୟ ମହାପାତ୍ର, ଚିତରଂଜନ ସାହୁ, ମାନସ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଜେନା, ରବିନ୍ଦ୍ର ରଣା, ଆରତ ଜେନା ପ୍ରମୁଖ ଯୋଗଦେଇ ତିଳତର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ




**କାଶୀପୁର, ନ୍ୟୁଜ୍ ବ୍ୟୁରୋ**

କାଶୀପୁର ବ୍ଲକରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିମନ୍ତେ ଶିଳାନ୍ୟାସ କଲେ କେନ୍ଦ୍ରୀୟ ଆଦିବାସୀ ବ୍ୟାପାର ଓ ଜଳଜୀବନ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ । ମାଗଣା ପଢିବେ ୩୬୦ ଜଣ ଆଦିବାସୀ ଛାତ୍ରଛାତ୍ରୀ । ଲ କେନ୍ଦ୍ରୀୟ ଆଦିବାସୀ ବ୍ୟାପାର ଓ ଜଳଜୀବନ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏବଂ ସାଂସଦ ତଥା ପ୍ରତିରକ୍ଷା କମିଟିର ସଭାପତି ଜୁଏଲ ଓରାମ ରାୟଗଡ ଜିଲ୍ଲାର କାଶୀପୁର ଗୋଟିଏ ଦିନ ଗସ୍ତ କରି ଜନଜାତି ପିଲାମାନଙ୍କ ମାଗଣା ପାଠ ପଢିବା ନିମନ୍ତେ ଏକଲାବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ନିଜର ବକ୍ତବ୍ୟରେ କହିଲେ ଯେ ଆଦିବାସୀ ପିଲାମାନଙ୍କୁ ୬ଷ୍ଠ ଶ୍ରେଣୀରୁ ୧୨ମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ଏବଂ ଉନ୍ନତିମାନର ଶିକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଆଦିବାସୀ ବହୁଳ ବ୍ଲକ ମାନଙ୍କରେ ଏହି ବିଦ୍ୟାଳୟ ଖୋଲି ଶିକ୍ଷାଦାନ କରାଯିବ । ସେମାନଙ୍କ ଜୀବନ ଜୀବିକା ପରିବର୍ତ୍ତନ ଆସିବ ବୋଲି କହିଥିଲେ । କୋଡିଏ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ନିର୍ମାଣ କରାଯିବ । ଏହି କାର୍ଯ୍ୟକ୍ରମରେ ସାଂସଦ ଶ୍ରୀ ଓରାମ ଏବଂ ରାୟଗଡ଼ ବିଧାୟକ ମକରନ୍ଦ ମୁଦୁଲି ଆବାସୀ ମାନଙ୍କ ବିକାଶ ନିମନ୍ତେ ନିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପି.ଏ. ଆଇଟିଡ଼ିଏ ଦିଲ୍ଲିପ କୁମାର ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତି ଥିଲେ । ଶେଷରେ ପିଏ ଆଇଟିଡ଼ିଏ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗୀର ଜିଲ୍ଲାରେ ୧୦୦ ରୂପାନ୍ତରିତ ହାଇସ୍କୁଲ୍ ଲୋକାର୍ପିତ




**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ସରକାରୀ UGHS ଚୋରମରା, ପଲ୍ଲୀଶ୍ରୀ ଉଚ୍ଚ ବିଦ୍ୟାଳୟ ଟିଟିଲାଗଡ଼, ମା' ଘଣ୍ଟାଶୁଣି ଉଚ୍ଚ ବିଦ୍ୟାଳୟ ଟିଟିଲାଗଡ଼, ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ କୁରୁସୁଡ଼, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଘୋଡ଼ାର, ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ଘଣ୍ଟବାହାଲୀ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାଙ୍ଗିପଦର, ସରକାରୀ UGHS ଗୁଲମୀ, ଆଦିବାସୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ମନିଗାଁ, ୫-ଟି ଯୋଜନାରେ ସାମିଲ ହୋଇଛି ! ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଚୋରମରା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାର ୧୦୦ଟି ୫-ଟି ବିଦ୍ୟାଳୟ ରୂପାନ୍ତରଣକୁ ଉଦ୍‌ଘାଟନ କରିଥିଲେ । ପୂର୍ବରୁ ଜିଲ୍ଲାର ୨୨୪ଟି ଉଚ୍ଚ ବିଦ୍ୟାଳୟ ୫-ଟି ରୂପାନ୍ତରଣ ହୋଇ ସାରିଥିବା ଜିଲ୍ଲାପାଳ କହିଥିଲେ । ମଞ୍ଚାସିନ ଚୋରମରା ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମଶ୍ରେଣୀ ଛାତ୍ର ଶାନ୍ତନୁ ରଣା ୫-ଟି ରୂପାନ୍ତରଣ ନେଇ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ପାଣ୍ଡିଆନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କ୍ୟାବିନେଟ ମନ୍ତ୍ରୀ ଟୁକୁନି ସାହୁ ରାଜ୍ୟ ତଥା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଅଭୂତପୂର୍ବ ବିକାଶ କାର୍ଯ୍ୟ ମୁଖ୍ୟମନ୍ତ୍ରୀ କରିଥିବା କହିଥିଲେ । ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ପାଟଣାଗଡ଼ ବିଧାୟକ ସରୋଜ ମେହେର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଟିଟିଲାଗଡ଼ BDO ସୁଶାନ୍ତ କୁମାର ରଣା ଏବ ଂବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ଏବଂ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶାସକ ଦଳର କର୍ମୀମାନେ ଉପସ୍ଥିତ ଥିଲେ ।

# ନେତାଜୀଙ୍କ ବୀରତ୍ୱ ଓ ଦର୍ଶନକୁ ନେଇ ଭାସ୍କର୍ଯ୍ୟ ଶିବିର ଉଦ୍‌ଘାଟିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ସ୍ୱାଧୀନତା ସଂଗ୍ରାମର ମହାନାୟକ ଓ ଆଜାଦ୍ ହିନ୍ଦ୍ ଫୌଜର ସ୍ରଷ୍ଟା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ଅବସରରେ ଓଡ଼ିଶା ଲଳିତ କଳା ଏକଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟ ଦ୍ୱାରା ନେତାଜୀଙ୍କ ବୀରତ୍ୱ ଓ ଦର୍ଶନ ତଥା ତାଙ୍କ ସଂଗ୍ରାମୀ ଜୀବନର ପ୍ରମୁଖ ଘଟଣା ଗୁଡିକୁ ନେଇ ଆୟୋଜିତ ହୋଇଛି ଏକ ମୃଣ୍ମୟ ଭାସ୍କର୍ଯ୍ୟ କଳା ଶିବିର । କଟକର ୧୮ ଜଣ ମୃଣ୍ମୟ ଶିଳ୍ପୀ ମାନଙ୍କୁ ନେଇ ଆୟୋଜିତ ହୋଇଛି ଏହି ଭାସ୍କର୍ଯ୍ୟ ଶିବିର । ଶିବିରକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଶୁଭ ଉଦ୍‌ଘାଟନ କରିବା ସହ ଶିଳ୍ପୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିବା ସହ ଶିବିରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହି ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଏକାଡ଼େମୀର କାର୍ଯ୍ୟକାରୀ ସମିତି ସଭ୍ୟ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଏକାଡ଼େମୀର ସାଧାରଣ ସମିତି ସଭ୍ୟା ସ୍ମିତା ମୁଳିଆ, ବରିଷ୍ଠ ଶିଳ୍ପୀ ରବି ନାରାୟଣ ରଥ, ନେତାଜୀ ସଂଗ୍ରହାଳୟ ଭାରପ୍ରାପ୍ତ ଜଳେନ୍ଦ୍ର ପ୍ରସାଦ ରାୟ ପ୍ରମୁଖ ଉପସ୍ଥିତ ରହି ଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ । ଜାନୁଆରୀ ୨୧ ଓ ୨୨ ତାରିଖ ଅନୁଷ୍ଠିତ ଏହି ଶିବିରରେ ଶିଳ୍ପୀ ବିକାଶ କୁମାର ମୁଦୁଲି, ରଞ୍ଜନ ବେହେରା, ପିଣ୍ଟୁ ମୁଦୁଲି, ପ୍ରତାପ କୁମାର ପ୍ରଧାନ, ସୁଶାନ୍ତ କୁମାର ମହାନ୍ତି, ଆକାଶ କୁମାର ମହାରଣା, ପ୍ରଶାନ୍ତ କୁମାର ବେହେରା, ଚନ୍ଦନ କୁମାର ବେହେରା, ରଞ୍ଜନ କୁମାର ବେହେରା, ସୁରଜ କୁମାର ମୁଦୁଲି, ଜ୍ୟୋତି ପ୍ରକାଶ ପରିଡ଼ା, ପ୍ରଫୁଲ କୁମାର ବେହେରା, ପ୍ରକାଶ କୁମାର ମୁଦୁଲି, ଦୁର୍ଗ ପ୍ରସାଦ ବେହେରା, ନରେଶ କୁମାର ଦାସ, ରଞ୍ଜିତ ସାହୁ, ଶ୍ରୀକାନ୍ତ ରଣା, ମୁନୁ ବେହେରା ପ୍ରମୁଖ ଅଂଶଗ୍ରହଣ କରି ନେତାଜୀଙ୍କ ବୀରତ୍ୱର କାହାଣୀ, ନେତାଜୀଙ୍କ ଆଦର୍ଶ ତଥା ସ୍ୱାଧୀନତା ସଂଗ୍ରାମର ବିଶେଷ ଘଟଣା ସମ୍ବନ୍ଧୀୟ ମୃଣ୍ମୟ ଭାସ୍କର୍ଯ୍ୟ ଗୁଡିକୁ ଗଠନ କରିଛନ୍ତି । ଉକ୍ତ ଭାସ୍କର୍ଯ୍ୟ କଳାର ପ୍ରଦର୍ଶନୀ ଜାନୁଆରୀ ୨୩ ତାରିଖରେ ନେତାଜୀ ଜୟନ୍ତୀ ଅବସରରେ ସଂଗ୍ରହାଳୟ ପରିସରରେ ଅନୁଷ୍ଠିତ ହେବା ସହ ଶିଳ୍ପୀମାନଙ୍କୁ ସମ୍ମାନିତ କରାଯିବ ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୫ / ୬ର | ୪ବୃ | ରାଂ୩ / ଶୁ୨ |
| ୭ | ୬ / ୩ | ୨ଲ |
| ୮ / ୯କେ | ୧୦ | ଚଂବୁମ୍‌୧୨ / ୧୧ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ - ୧୪୩୧ ସାଲ, ଶକାବ୍ଦ - ୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୩।୧।୨୦୨୪, ମାଘ ଦି୧୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୬।୨୪।୩୪ ଚନ୍ଦ୍ରୋଦୟ- ଦିଘ୩।୨୧।୫୩**

ତ୍ରୟୋଦଶୀ- ରାଘ ୮।୪୦ ପର୍ଯ୍ୟନ୍ତ । ଆର୍ଦ୍ରା ନକ୍ଷତ୍ର - ନିଘ ୬।୨୭ ପର୍ଯ୍ୟନ୍ତ । ମିଥୁନ ଚନ୍ଦ୍ର - ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୮।୪୦ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୧୩ ଗତେ ଘ ୧୦।୫୧ ମଧ୍ୟେ ଦିଘ ୧।୦୫ ଗତେ ଘ ୧।୨୦ ମଧ୍ୟେ । **ପର୍ବୋତ୍ସବ -** ନେତାଜୀ ସୁବାସ ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଲାଭ ହେବ । ମହିଳାମାନେ ସୁଖୀ ହେବେ ।



**ବୃଷ:** ଦୃଢ଼ତାର ସହିତ କର୍ମ କରି ବେଶ୍ ଫଳପ୍ରଦ ହେବେ । ରୋଜଗାରରେ ଉନ୍ନତି ହେବ । ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।



**ମିଥୁନ:** ସ୍ୱାଧୀନତା ରହିବ ନାହିଁ । ଆଶାବାଦୀ ହୋଇ କାର୍ଯ୍ୟ ସଫଳତା ହାସଲ କରିବେ । ମାନସିକ ସ୍ଥିତି ଭଲ ରହିବ ନାହିଁ । ରୋଜଗାର ଭଲ ହେବ । ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ରହିବ ।



**କର୍କଟ:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହେବେ । ଅନ୍ୟମାନଙ୍କ କଥାରେ ପଡ଼ି ନିଜକୁ ଭୁଲ୍ ବୁଝିବେ । ଆୟରେ ବାଧା ଜାତ ହେବ । ମହିଳାମାନେ ନିଜ ସ୍ୱାର୍ଥ ପାଇଁ କାମ କରିବେ । ଗୃହେ ଆନନ୍ଦ ।



**ସିଂହ:** ଆଜି ଆପଣଙ୍କର ଆୟ ଭଲ ହେବ । ଘରେ ସୁଖ ଶାନ୍ତି ବଜା ରହିବ । ଦୂରଯାତ୍ରା କରି ଆପଣ ନିଜର ପୁରୁଣା କାମକୁ ସମାପ୍ତ କରିବେ । ଶତ୍ରୁଙ୍କ ଠାରୁ ଦୂରେଇ ରହିବେ । ଶୁଭ ଖବର ପାଇ ଖୁସି ହେବେ ।



**କନ୍ୟା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ପୂରଣ ହେବ । ଗୁରୁଜନଙ୍କ ଆଶିର୍ବାଦରୁ ବଞ୍ଚିତ ହେବେ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ଜଞ୍ଜାଳ ଲାଗି ରହିବ । ପିଲାମାନେ ପଢ଼ାପଢ଼ିରେ ମନଦେବେ ।



**ତୁଳା:** ଦେବ ପୂଜାର୍ଚ୍ଚନା ସହିତ ଦେବ ଦର୍ଶନର ସୁବିଧା ପାଇବେ । ମନରେ ଭକ୍ତି ଭାବ ଜାଗ୍ରତ ହେବ । ସତ୍ ମାର୍ଗରେ ପରିଚାଳିତ ହେବେ । ମଧ୍ୟାହ୍ନେ ଟେନ୍‌ସନ୍ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ଗୃହେ ଆନନ୍ଦ ।



**ବିଛା:** ଶାରୀରିକ ଅସୁସ୍ଥତା ଲାଗିବ । ସାମାଜିକ କାର୍ଯ୍ୟରେ ଯୋଗଦାନ କରିବେ । କର୍ମକ୍ଷେତ୍ରରେ ସହଯୋଗ ଓ ସାହାଯ୍ୟ ମିଳିବ । ରୋଜଗାରରେ ଉନ୍ନତି ଦେଖାଦେବ । ଘରେ କଳହ ଦେଖାଦେବ ।



**ଧନୁ:** ଶତ୍ରୁ ହାନୀ କରି ଗନ୍ତବ୍ୟ ପଥରେ ଆଗେଇ ଯିବେ । କର୍ମକ୍ଷେତ୍ରରେ ବାଧା ଉପୁଜିପାରେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତିରେ ସମୟ କଟିବାର ସୂଚନା ।



**ମକର:** ଆଜି ଦିନଟି ଶୁଭ କାମ ପାଇଁ ଉତ୍ତମ ଅଟେ । କଚେରୀ କ୍ଷେତ୍ରରେ ସମସ୍ତ ସମସ୍ୟା ସମାଧାନ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଭଲ ହେବ । ଗୃହେ ସୁଖ ଶାନ୍ତି ଲାଭ କରିବେ ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ମତାନ୍ତର ଦେଖାଦେବ । ଉଚ୍ଚସ୍ତରର ଲୋକଙ୍କ ସାଙ୍ଗେ ଭଲ ରହିବ । ପାରିବାରିକ ସୁଖ ଶାନ୍ତିରେ କଟିବ । ରୋଜଗାର ଭଲ ହେବ । ମହିଳାମାନେ ପରଚର୍ଚ୍ଚାରେ ସମୟ କାଟିବେ ।



**ମୀନ:** ଅସହଯୋଗରୁ ବିରକ୍ତି ଲାଭ କରିବେ । କର୍ମକ୍ଷେତ୍ରରେ ଆଧିପତ୍ୟର ବିସ୍ତାର ବିପଦ ସୃଷ୍ଟି କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଶାନ୍ତି ଅବ୍ୟାହତ ରହିବାର ସୂଚନା ।



# ରାଧାକୃଷ୍ଣ ମନ୍ଦିରର ଭୂମି ପୂଜନ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ବ୍ଲକ ଅନ୍ତର୍ଗତ କୁହ୍ନେଇଁପଡ଼ା ପଞ୍ଚାୟତ ଅଧିନରେ ଥିବା ବ୍ରାହ୍ମଣୀ ଗାଁରେ ରବିବାର ଦିନ ରାଧାକୃଷ୍ଣ ମନ୍ଦିରର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଏହି ବ୍ରାହ୍ମଣୀ ଗାଁ କାଠଯୋଡ଼ି ନଦୀ କୂଳରେ କେଳି କଦମ୍ବ ବୃକ୍ଷ ମୂଳରେ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି । ନୂତନ ବର୍ଷର ପ୍ରାରମ୍ଭରେ କୁଆଖାଇ ସେତୁ ନିକଟରୁ ନରାଜ ବ୍ୟାରେଜ୍ ପର୍ଯ୍ୟନ୍ତ ନଦୀ ବନ୍ଧର ରାସ୍ତା ୧୦ମିଟରରୁ ଉର୍ଦ୍ଧ୍ୱ ପ୍ରଶସ୍ତିକରଣ ହେଉଅଛି । ଏହି ପ୍ରଶସ୍ତିକରଣରେ ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ଛୋଟ ବଡ଼ ମନ୍ଦିର ଉଚ୍ଛେଦ କରାଯାଉଛି । ଉଚ୍ଛେଦ ସମୟରେ ବ୍ରାହ୍ମଣୀ ଗାଁର କେଳି କଦମ୍ବ ବୃକ୍ଷ ମୂଳରେ ପୂଜା ପାଉଥିବା ରାଧାକୃଷ୍ଣ ମନ୍ଦିରଟି ସ୍ଥାନାନ୍ତରିତ କରାଯାଇଛି । ବ୍ରାହ୍ମଣୀ ଗାଁ ଗ୍ରାମ୍ୟ ସଭାରେ ଗ୍ରାମର ସ୍ୱର୍ଗତ ନାରାୟଣ ସ୍ୱାଇଁଙ୍କ ଜ୍ୟେଷ୍ଠ ପୁତ୍ର ପ୍ରକାଶ ଚନ୍ଦ୍ର ସ୍ୱାଇଁ, କନିଷ୍ଠ ପୁତ୍ର ସୁବାଷ ଚନ୍ଦ୍ର ସ୍ୱାଇଁ ଓ ତାଙ୍କର ସହଧର୍ମିଣୀ ରୁନୁ ସ୍ୱାଇଁ ଏହି ରାଧାକୃଷ୍ଣ ମନ୍ଦିରର ସ୍ଥାପନା କରାଯିବା ନିମନ୍ତେ ଭୂମି ଅର୍ପଣ କରିଥିଲେ । ରାଧାକୃଷ୍ଣ ମନ୍ଦିରର ଭୂମି ପୂଜନରେ ଗ୍ରାମର ଜିତେନ୍ଦ୍ର କୁମାର ବସ୍ତିଆ ତାଙ୍କର ସହଧର୍ମିଣୀ ସୁଧାଂଶୁ ବାଳା ବସ୍ତିଆ ହୋମ ଯଜ୍ଞରେ କର୍ତ୍ତାକର୍ତ୍ତି ହୋଇଥିବା ବେଳେ ପଣ୍ଡିତ ଶେଷଦେବ ଷଡ଼ଙ୍ଗୀ ପରିଚାଳନା କରିଥିଲେ । ଏହି ଅବସରରେ ଗ୍ରାମର ଉପେଶ ପାଳ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଶିବ ବସ୍ତିଆ, ଧନେଶ୍ୱର ପରିଡ଼ା, ବୁଲୁ ସ୍ୱାଇଁ, ହରିସୁନା ପାଳ, କାଳିନ୍ଦୀ ବେହେରା, ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

ସମ୍ପାଦକୀୟ
29 YEARS
ସମ୍ବାଦ କଳିକା

# ରାମ ମନ୍ଦିର ପ୍ରଭାବ ଅର୍ଥନୀତିକୁ ଶକ୍ତି ମିଳିବ

ଅଯୋଧ୍ୟାରେ ରାମ ମନ୍ଦିର ଉଦ୍ଘାଟନ ଓ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହା ଆଧ୍ୟାତ୍ମିକ ଓ ଧାର୍ମିକ ଦୃଷ୍ଟିରୁ ଯେତିକି ଗୁରୁତ୍ୱପୂର୍ଣ୍ଣ, ଅର୍ଥନୈତିକ ଦୃଷ୍ଟିରୁ ମଧ୍ୟ ସେଭଳି ଏକ ମହତ୍ୱପୂର୍ଣ୍ଣ ଘଟଣା ହେବାକୁ ଯାଉଛି। ରାମ ମନ୍ଦିର ପ୍ରଭାବରେ ସାରା ଦେଶର ଅର୍ଥନୀତିକୁ ବହୁ ବଡ଼ ଶକ୍ତି ମିଳିବ। ଦେଶରେ ଆଧ୍ୟାତ୍ମିକ ପର୍ଯ୍ୟଟନରେ ବଡ଼ ଧରଣର ବୃଦ୍ଧି ଘଟିବ। ଅର୍ଥନୀତିରେ ୪ ଲକ୍ଷ କୋଟି ଟଙ୍କା ଯୋଡ଼ିହେବ। ୨୦୨୪-୨୫ ଆର୍ଥିକ ବର୍ଷରେ ଉତ୍ତରପ୍ରଦେଶର ରାଜସ୍ୱ ମଧ୍ୟ ୨୫ ହଜାର କୋଟି ଟଙ୍କା ବଢ଼ିବ ବୋଲି ଏକ ରିପୋର୍ଟରେ ଆକଳନ କରାଯାଇଛି। ରାମ ମନ୍ଦିର ପ୍ରଭାବରେ ଉତ୍ତରପ୍ରଦେଶ ଅର୍ଥନୀତି ଦ୍ରୁତ ଗତିରେ ଦୌଡ଼ିବ। ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ହେବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ଗଙ୍ଗା ନଦୀ, ବାରାଣସୀ ଓ ତାଜ୍ ମହଲ ଲୋକମାନଙ୍କୁ ଆକୃଷ୍ଟ କରୁଥିଲା। ସେହି ତାଲିକାରେ ରାମ ମନ୍ଦିରର ନାମ ଯୋଡ଼ିହୋଇଥିବାରୁ ଉତ୍ତରପ୍ରଦେଶ ବୁଲିବାକୁ ଯାଉଥିବା ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ୨୦୨୨ରେ ଉତ୍ତରପ୍ରଦେଶକୁ ୩୨ କୋଟି ପର୍ଯ୍ୟଟକ ଆସିଥିଲେ। ସେଥିରୁ ୨.୨୧ କୋଟି ଲୋକ ଅଯୋଧ୍ୟା ପରିଦର୍ଶନ କରିଥିଲେ। ସେମାନେ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ବ୍ୟୟ କରିଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କ ଆମଗନ ଯୋଗୁଁ ରାଜ୍ୟ ଅର୍ଥନୀତିକୁ ଅଧିକ ୧୦,୫୦୦ କୋଟି ଟଙ୍କା ମିଳିଥିଲା। ୨୦୨୮ ସୁଦ୍ଧା ଏକ ୫ ଟ୍ରିଲିଅନ (ଲକ୍ଷ କୋଟି) ଡଲାର ଅର୍ଥନୀତିରେ ପରିଣତ ହେବାକୁ ଭାରତ ଅଭିଳାଷ ରଖିଥିବା ବେଳେ ସେଥିପାଇଁ ବାର୍ଷିକ ୧୦-୧୧.୫ ପ୍ରତିଶତ ଭଳି ଦ୍ରୁତ ଗତିର ଅଭିବୃଦ୍ଧି ଦରକାର। ଏହି ସ୍ୱପ୍ନକୁ ସାକାର କରିବାରେ ଉତ୍ତରପ୍ରଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ୨୦୨୭ ସୁଦ୍ଧା ଉତ୍ତର ପ୍ରଦେଶର ଅର୍ଥନୀତି ୫୦,୦୦୦ କୋଟି ଡଲାରରୁ ଅଧିକ ହେବ। ମହାରାଷ୍ଟ୍ର ମଧ୍ୟ ସେହି ସ୍ତର ଅତିକ୍ରମ କରିବ। ଦେଶର ଅର୍ଥନୀତିକୁ ଏହି ଦୁଇ ରାଜ୍ୟର ଅବଦାନ ୧୦ ପ୍ରତିଶତରେ ପହଞ୍ଚିଯିବ। ୨୦୨୭ ସୁଦ୍ଧା ୟୁରୋପୀୟ ଦେଶ ନରୱେ ଓ ହଙ୍ଗେରିର ଅର୍ଥନୀତିଠାରୁ ଉତ୍ତରପ୍ରଦେଶ ଅର୍ଥନୀତି ବଡ଼ ହେବ। କାରଣ ପାଲଟିଥିଲା। ତେବେ ୨୦୨୩ରେ ଆମେରିକୀୟ ଗହମ ଦର ୩୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ହୋଇଥିଲା। ଭାରତରେ ରପ୍ତାନୀ କଟକଣା ସତ୍ତ୍ୱେ ନିକଟ ଅତୀତରେ ଗହମ ଦର ୨୦ ପ୍ରତିଶତରୁ ଅଧିକ ବଢ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢ଼ିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ୱ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡ଼ା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତି
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ୱ ସମର୍ପିସ୍ୱ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତେ ରଖି
ଦେଉଛି ଆହେ ନନ୍ଦବସ୍ତି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# ମହାନେତାଜୀ ସୁଭାଷ ଚନ୍ଦ୍ର ବୋଷ


ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

କ୍ରାନ୍ତିର କିମ୍ବଦନ୍ତୀ ସେ । ସ୍ୱର୍ଦ୍ଧିତ ପୌରୁଷର ସ୍ପନ୍ଦିତ ପ୍ରବାଦ । ରକ୍ତାକ୍ତ ସଂଗ୍ରାମର ରୁଦ୍ରଭୈରବୀ ।
ହଁ; ଏ ମହାଜାତିର ମହାନାୟକ ସେ – ନେତାଜୀ ସୁଭାଷଚନ୍ଦ୍ର । ଆଜି ବି ମନ୍ତ୍ରବତ୍ ଉଚ୍ଚାରିତ ହୁଏ ଏହି ନିର୍ଭୀକ ନେତୃପୁରୁଷଙ୍କ ନାମ... ସ୍ନାୟୁରେ ସ୍ନାୟୁରେ ସଂଚାରିତ ହୁଏ ସହସ୍ର ସ୍ଫୁଲିଙ୍ଗ... ନିଦ୍ରିତ ବସନ୍ତର ବନସ୍ତରେ ଘୂର୍ଣ୍ଣିବାତ୍ୟା ସୃଷ୍ଟି କରେ ଅଜସ୍ର ବୈଶାଖୀ !
ନେତାଜୀ ସୁଭାଷ... ଏକ ନିଆରା ନିଆଁର ନାଁ ।
ସେ ଏକ ଅନିର୍ବାଣ ଅଗ୍ନିଶିଖା । ସେ ଏକ ଅନ୍ତହୀନ ପ୍ରେରଣାର ପ୍ରକାଣ୍ଡ ବର୍ତ୍ତିକା ! ମହାର୍ଘ ମୁକ୍ତିର ମୁଖବନ୍ଧ...ପ୍ରସ୍ତାବିତ ପ୍ରଭାତୀ ସୂର୍ଯ୍ୟର ଶାଣିତ ଭୂମିକା !
ସେ ଏକ ଉତପ୍ତ ଅସମାପିକା !
ଶତସହସ୍ର ଜୁଆରଭଟ୍ଟାର ସଂଘାତ ମଧ୍ୟରେ ଭାରତବର୍ଷ ଆଜି ସ୍ମରଣ କରୁଛି ତା'ର ଏହି ମହାନ୍ ସନ୍ତାନକୁ । ଦୁର୍ନୀତି, ଭ୍ରଷ୍ଟାଚାର, ବିଶ୍ୱାସଘାତକତା, ଦୟନୀୟ ମାନସିକ ଦାସତ୍ୱର ଏହି ଉତ୍ତର-ପର୍ବରେ ନେତାଜୀ ସୁଭାଷଙ୍କ ଜନ୍ମ – ଏ ମହାଜାତି ପାଇଁ ଏକ ଉତ୍ତାଳ ଆହ୍ୱାନ !
ହଁ, ନେତାଜୀଙ୍କ ନାମ ଧ୍ୱନିତ ହେଉ ଭାରତବର୍ଷର ପ୍ରତି ବସ୍ତି, ପ୍ରତି ସହରରେ... ଘରେ ଘରେ । ତାଙ୍କ ସଂଗ୍ରାମୀ ଜୀବନର ସ୍ମୃତି ସୁରଭି ସଂଚାର କରୁ ପ୍ରତିଟି ତରୁଣ ପ୍ରାଣରେ। ଇତିହାସଠାରୁ ଉତ୍ତର ଦାବୀ କରୁ ଉତ୍ତରଦାୟାଦ : ଭାରତବର୍ଷରେ ଆଜି କାହିଁକି ଏ ଅବକ୍ଷୟ ?
ମହାନାୟକ ନେତାଜୀ ସୁଭାଷଙ୍କ ସମ୍ମାନିତ ସ୍ମୃତି ଉଦ୍ଦେଶ୍ୟରେ ଏକ ରକ୍ତପ୍ରଣାମ...
ଭୟଙ୍କର ବର୍ଷା । ଏପାଖେ ତିନି ହଜାର, ସେପାଖେ ପଚାଶ ହଜାର ସୈନ୍ୟ । ସେଇ ପଲାସୀ ପ୍ରାନ୍ତରେ – ଗୋଟିଏ ପଟେ କ୍ଲାଇବର ଖଞ୍ଜର, ଆରପଟେ ନବାବଙ୍କ ଗୋଳାଗୁଳି ବାରୁଦ । ବିପୁଳ ସଂଖ୍ୟକ ନବାବୀ ବାହିନୀ ମଧ୍ୟରେ ଦୂରଦର୍ଶିତା ଓ ବିଚକ୍ଷଣତାର ଘୋର ଅଭାବ । ବ୍ରିଟିଶ୍ ବାହିନୀ ମୁଷ୍ଟିମେୟ ହେଲେ ହେଁ ହୁସିଆର – ଅଳ୍ପ ସୈନ୍ୟ ଓ ଗୋଳାବାରୁଦକୁ ତାରପୋଲିନ୍ ଦେଇ ସୁରକ୍ଷା ଦେଲେ – ମାତ୍ର ନବାବ୍‌ଙ୍କ ବିଶାଳବାହିନୀର ଅବହେଳା ଯୋଗୁଁ ସେମାନଙ୍କ ସ୍ତୂପୀକୃତ ଗୋଳାବାରୁଦ ସବୁ ବର୍ଷାରେ ଭିଜିଗଲା ।
ଠିକଣା ସମୟରେ ଗର୍ଜିଉଠିଲା କ୍ଲାଇବଙ୍କ କମାଣ । ପଛଘୁଂଚା ଦେଲେ ନବାବ ସିରାଜଉଦ୍ଦୌଲାଙ୍କ କ୍ଷତବିକ୍ଷତ ସୈନ୍ୟବାହିନୀ । ସେଦିନ ପଲାସୀର ଆକାଶରେ ଖଣ୍ଡେ ଧୂଆଁର ବାଦଲ – ଇତିହାସର ଅକ୍ଷୟ ଅଧ୍ୟାୟରେ ହଠାତ୍ ମେଂଚାଏ ଘନ କୁହୁଡ଼ିର ଦିନ – କେବଳ କେଇଖଣ୍ଡ ଟେକା ଫିଙ୍ଗିଥିଲେ ବି ବ୍ରିଟିଶସୈନ୍ୟଗଣ ଭାଗିରଥୀ ନଦୀରେ ଲୀନ ହୋଇଯାଇଥାଆନ୍ତେ।
କିନ୍ତୁ... ଇତିହାସର ବିଡମ୍ବନା – ଏକ ସାଂଘାତିକ ଦୁର୍ଘଟଣା । ଚରମ ବିଶ୍ୱାସଘାତକାର ଅଧ୍ୟାୟ ଆରମ୍ଭ... ବଙ୍ଗ ନବାବଙ୍କ ଜେନେରାଲ୍ ମିରଜାଫର, ଧନପତି ଜଗତ୍‌ସେଠ୍, ଉମିଚାନ୍ଦଙ୍କ ସହଯୋଗରେ କ୍ଷମତା ଦଖଲ ପାଇଁ ବିଶ୍ୱାସଘାତକ, ପ୍ରତାରଣାପୂର୍ଣ୍ଣ ଷଡଯନ୍ତ୍ର କଲେ । ରକ୍ତପିପାସୁ ଲୁଣ୍ଠନକାରୀ ବ୍ରିଟିଶ୍ ଶକ୍ତି ଏହାର ସୁଯୋଗ ନେଇ ଦେଶଦ୍ରୋହୀ, ମାନବଦ୍ରୋହୀ, କଳଙ୍କିତ ମିରଜାଫର ସାହାଯ୍ୟରେ ଭାରତବର୍ଷକୁ ପରାଧୀନତାର ନାଗଫାଶରେ ବନ୍ଧନ କରି ବ୍ରିଟିଶ୍ ସାମ୍ରାଜ୍ୟବାଦର ମୂଳଦୂଆ ପକାଇଲେ ସେମାନେ ପଶୁପଶୁ ପଶି ଗଲେ ଯେ – ଦୁଇଶହ ବର୍ଷ ଭାରତକୁ ପରାଧୀନକରି ରଖିଲେ – ଭାରତବାସୀ ଗୋଲାମ ହୋଇଗଲେ। ୨୦୦ ବର୍ଷର ଅନ୍ଧକାର ଭିତରେ ଗୋଟିଏ ପ୍ରଭାତୀ ସୂର୍ଯ୍ୟ – ଶାଣିତ ସୂର୍ଯ୍ୟ – ତରଙ୍ଗିତ ତାରୁଣ୍ୟର ତୀର୍ଥପଥିକ – ଅନବଦ୍ୟ ଆବେଗର ଆଗ୍ନେୟଗିରି ବୈପ୍ଳବିକ ବୀରତ୍ୱର ମହାନ୍ ମଶାଲ୍ ମୁକ୍ତିପଥର ଅଗ୍ରଦୂତ – କୋଟି ପ୍ରାଣର ପ୍ରେରଣାଦାତା – ଅସମ୍ଭବର ନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆବିର୍ଭାବ ।
ମହାନେତାଜୀ ସୁଭାଷ !
ଇତିହାସର ଲୋହିତ ଚକ୍ରବାଳରେ ସେ ଏକ ଶୁଭ୍ରତାରକା । ଅନମନୀୟ ଏହି ସ୍ୱର୍ଦ୍ଧିତ ମହାନାୟକଙ୍କ ଆପୋଷହୀନ ସଂଗ୍ରାମରେ ଥରହର ହୋଇଛି ବ୍ରିଟିଶ୍ ସାମ୍ରାଜ୍ୟବାଦ । ଭାରତୀୟ ମହାଜାତିର ମହାନାୟକ ଏହି ମହାନ୍‌ପୁରୁଷ ସମଗ୍ର ବିଶ୍ୱରେ ଏକ ବରଣୀୟ ବୈପ୍ଳବିକ ବ୍ୟକ୍ତିତ୍ୱ – ଯାହାଙ୍କ ବଜ୍ର-ଗମ୍ଭୀର-ଗଭୀର-କଠିନ କଠୋର ମନ୍ତ୍ରମୁଗ୍ଧ କଣ୍ଠସ୍ୱର ଗୁଞ୍ଜନ ତୋଳିଥିଲା : "ମତେ ରକ୍ତ ଦିଅ, ମୁଁ ତମକୁ ଦେବି ସ୍ୱାଧୀନତା" ଗୋଲାମୀର ଜଞ୍ଜିର ପିନ୍ଧିଥିବା ପରାଧୀନ ଭାରତବର୍ଷରେ ରକ୍ତାକ୍ତ ସଂଘର୍ଷ ପାଇଁ ଏ ଆହ୍ୱାନ ସେଦିନ ସୃଷ୍ଟି କରିଥିଲା ଧୂମାଳ ଦିଗନ୍ତର ରକ୍ତାକ୍ତ ପୃଷ୍ଠଭୂମିରେ ଏକ ଦୁର୍ଦ୍ଧାନ୍ତ ଘୂର୍ଣ୍ଣିବାତ୍ୟା । ଦୋହଲିବାକୁ ଆରମ୍ଭ କଲା ବ୍ରିଟିଶ୍ ସାମ୍ରାଜ୍ୟବାଦର ଚିତ୍ରିତ ଚୌହଦୀ – ସୃଷ୍ଟି କଲା ଆଗ୍ନେୟ ସଂତ୍ରାସ – ବୈଶାଖୀର ବିକ୍ଷୁବ୍ଧ ଝଡରେ କାଢି ନେଇଗଲା ଶୋଷକ ଶାସକ ବ୍ରିଟେନ୍ ଆଖିରୁ ସୁଖନିଦ୍ରା । ବୈପ୍ଳବିକ ପରମ୍ପରାର ଏକ ଶାଣିତ ଉତରାଧିକାରୀ, ବେସାଲିମ୍, ଚିର ବହ୍ନିମାନ – ପ୍ରେରଣାର ଅନିର୍ବାଣ ଶିଖା – କଂଟକିତ ପଥର କ୍ରାନ୍ତିଦୂତଙ୍କ ଉଦାର ଆହ୍ୱାନରେ ହଜାର ହଜାର ଯୁବଛାତ୍ର, ମୁକ୍ତିପ୍ରେମୀ ମଣିଷ ଝାସ ଦେଇଥିଲେ ସ୍ୱାଧୀନତା ଯୁଦ୍ଧର ଯଜ୍ଞବେଦୀରେ – ମରଣପଣ ସଂଗ୍ରାମ ପଥରେ ଜୀବନପଣ କରି- ସେମାନଙ୍କର ସ୍ୱପ୍ନ ଥିଲା ଦେଶ ସ୍ୱାଧୀନ ହେବ – ଜନ୍ମଗତ ଅଧିକାର – ବଂଚିବାର ଅଧିକାର ସାବ୍ୟସ୍ତ ହେବ ।
ଆଜି ଆମେ ସ୍ୱାଧୀନତା ପାଇଛେ ସତ ! କିନ୍ତୁ ରକ୍ତାକ୍ତ ବିପ୍ଳବ ପଥରେ ନୁହେଁ – ଆପୋଷ ବୁଝାମଣା ଜରିଆରେ । ଯାହା ଫଳରେ ବିପ୍ଳବର ବୁନିଆଦି, ସଂଗ୍ରାମର ପରିବେଶକୁ ବଦଳାଇ ଦିଆଯାଇଛି । ସେଇ କିମ୍ବଦନ୍ତୀ ପୁରୁଷଙ୍କ ବାସ୍ତବ ମୂଲ୍ୟାୟନ ଏକାନ୍ତ ଆବଶ୍ୟକ ।
ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧୀ ଭାରତର ସ୍ୱାଧୀନତା ଆନ୍ଦୋଳନରେ ସହସ୍ର ସହସ୍ର ରଥୀ ମହାରଥୀ ଯୋଗ ଦେଇଥିଲେ । ଇତିହାସ କାହାକୁ କେଉଁ ସମ୍ମାନର ଅଧିକାର ଦେଇଛି – ତାହା ସମୟ କହିବ । ରକ୍ତର ସମୁଦ୍ର ମଧ୍ୟରେ ସତ୍ୟକୁ ଯେପରି ହତ୍ୟା କରାଯାଇପାରେନା – ସ୍ୱାଧୀନତାର ମହାସଂଗ୍ରାମରେ ଯିଏ ଇତିହାସର ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ ସେହି ଚିର ବିଦ୍ରୋହୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବୈଚିତ୍ର୍ୟମୟ ସଂଗ୍ରାମୀ ଜୀବନର ଐତିହ୍ୟକୁ କେହି କେବେ ଅସ୍ୱୀକାର କରିବାର ପ୍ରଶ୍ନ ଉଠୁନାହିଁ । ସ୍ୱାଧୀନତା ଆନ୍ଦୋଳନରେ ବହୁ ବାପୁଜୀ, ଚାଚାଜୀ, ଦାଦାଜୀ, ଭାଇଜୀ, ବହେନଜୀ ସୃଷ୍ଟି ହୋଇଛନ୍ତି; ହେଲେ ଜଣେ ମାତ୍ର ନେତାଜୀ ସୃଷ୍ଟି ହୋଇଥିଲେ । ତାଙ୍କୁ କେହି ନେତା କରି ନାହିଁ କି ସେ ନିଜକୁ ନେତା ବୋଲି କେଉଁଠି କହିନାହାନ୍ତି । ତାଙ୍କର ଆପୋଷହୀନ ସଂଗ୍ରାମ ପାଇଁ ହିଁ କୋଟି କୋଟି ମଣିଷ ଓ ତାଙ୍କ ହାତରେ ଗଢା ଆଜାଦହିନ୍ଦ୍ ଫୌଜୀମାନେ ତାଙ୍କୁ ସ୍ୱତଃସ୍ଫୂର୍ତ୍ତ ଭାବେ 'ନେତାଜୀ' ସମ୍ବୋଧନ କରୁଥିଲେ ।
ନେତାଜୀ ସୁଭାଷ – ଉଚ୍ଚାରଣ ମାତ୍ରେ ହିଁ ମନରେ ଶିହରଣ ଆସେ । ସେହି ପ୍ରବାଦ ପୁରୁଷ ମହାମାନବ ନେତାଜୀଙ୍କ ସ୍ମୃତି ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଭାରତବାସୀଙ୍କ ପାଖରେ ପାଥେୟ ଓ ଅଙ୍ଗୀକାର ହୋଇ ରହିଛି, ରହିବ ନିଶ୍ଚୟ । ଉତ୍ସାହ ଓ ଆବେଗର ଆଗ୍ନେୟଗିରି ମହାନାୟକ ନେତାଜୀଙ୍କ ଅମରଗାଥା ଆଜି ମଧ୍ୟ କୋଟି କୋଟି ଯୁବପ୍ରାଣକୁ ଉଦ୍‌ବେଳିତ କରୁଛି ।
"ଯେତେଦିନ ପର୍ଯ୍ୟନ୍ତ ଦେଶର କୋଟି କୋଟି ମଣିଷ ଅନାହାର ଓ ଅଶିକ୍ଷାର ଅନ୍ଧକାରରେ ନିମଜ୍ଜିତ ଥିବେ, ସେତେଦିନ ପର୍ଯ୍ୟନ୍ତ ତାଙ୍କ ଆଖିର ଲୋତକ ଏବଂ ରକ୍ତ ବିନିମୟରେ ଯେଉଁମାନେ ଉଚ୍ଚଶିକ୍ଷା ଅର୍ଜନ କଲେ ସେମାନେ ଯଦି ଦରିଦ୍ର ନିପୀଡ଼ିତ ମଣିଷ ପ୍ରତି ଦାୟିତ୍ୱର କଥା ଭାବିବା ପାଇଁ ମୁହୂର୍ତ୍ତେ ସମୟ ନ ପାଆନ୍ତି – ସେମାନେ ବିଶ୍ୱାସଘାତକ – ସେମାନେ ଦେଶଦ୍ରୋହୀ ।" ବିବେକାନନ୍ଦଙ୍କ ଏହି କଥାଗୁଡ଼ିକ ସୁଭାଷ ବୋଷଙ୍କୁ ବାରମ୍ବାର ପିଲାବେଳୁ ଆନ୍ଦୋଳିତ କରିଛି । କୋଟି କୋଟି ପରାଧୀନ ଭାରତବାସୀଙ୍କୁ ଦାସତ୍ୱର ଶୃଙ୍ଖଳରୁ ମୁକ୍ତ କରିବାକୁ ପ୍ରେରଣା ଯୋଗାଇଛି । ବ୍ୟକ୍ତିଗତ ପରିବାର, ବାପ ମା'ଙ୍କ ସ୍ୱାର୍ଥପ୍ରତି ଦୃଷ୍ଟି ନ ଦେଇ ଅନ୍ୟାୟ ବିରୋଧରେ ସଂଗ୍ରାମ, ଦାସତ୍ୱ ଓ ପରାଧୀନତାର ବିରୋଧରେ ମୁକ୍ତି ସଂଗ୍ରାମ ସତ୍ୟ ଓ ନ୍ୟାୟପଥକୁ ବାଛି ନେଇଥିବାରୁ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ସୁଭାଷ ଚନ୍ଦ୍ର ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇପାରିଛନ୍ତି ।
୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ଓଡିଶାର କଟକ ଓଡିଆ ବଜାରରେ ଜନ୍ମ ନେଇଥିଲା ସେଇ ନୂତନ ସୂର୍ଯ୍ୟ । ଓଡିଶାର ପାଣି, ପବନରେ ବଢି ସେ ଯେ ମହାପୁରୁଷ ହୋଇପାରିଛି, ଏ କଥା ଭାବିଲା ବେଳକୁ ଗର୍ବ ଗୌରବରେ ମନ ପୁଲକିତ ହୋଇଯାଉଛି । ନେତାଜୀ କହୁଥିଲେ – "ତୁମେମାନେ ହୁଏତ ମନେକର ଯେ, ମହାପୁରୁଷମାନେ ବଡ ହୋଇ ଜନ୍ମିଥାଆନ୍ତି । କିନ୍ତୁ ଏ ଧାରଣା ସଂପୂର୍ଣ୍ଣ ଭ୍ରାନ୍ତ... ଯେତେ ମହାପୁରୁଷ ପୃଥିବୀରେ ଆଜିଯାଏ ଜନ୍ମଗ୍ରହଣ କରିଛନ୍ତି, ସେମାନଙ୍କର ଜୀବନୀ ଯଦି ବିଶ୍ଳେଷଣ କରିବ ତେବେ ଦେଖିବ ଯେ ପ୍ରତ୍ୟେକଙ୍କ ଜୀବନରେ ରହିଛି ଅସୀମ ଅଧ୍ୟବସାୟ, ଅକ୍ଳାନ୍ତ ଚେଷ୍ଟା, ଏକନିଷ୍ଠ ସାଧନା, ଅବିରାମ ପରିଶ୍ରମ । ତୁମେମାନେ ଯଦି ସେମିତି ଭାବେ ଚେଷ୍ଟା ଓ ସାଧନା କରିପାର, ତେବେ ତୁମେମାନେ ମଧ୍ୟ ଦିନେ ମହାପୁରୁଷର ଆସନରେ ବସିପାରିବ।"
ଦୁନିଆରେ ଯେଉଁମାନେ ଆଜି ବଡ ହୋଇଛନ୍ତି – ସେମାନେ ଜୀବନରେ ମହାନ ଆଦର୍ଶ ପ୍ରତି ଅନୁରକ୍ତ ରହି ଅହରହ ସଂଗ୍ରାମ କରିଯାଇଛନ୍ତି । ମହାନ ଆଦର୍ଶକୁ ଯିଏ ଭଲପାଏ, ସେ ହିଁ ମହାନ ହୋଇଥାଏ । ମହାନ ବିପ୍ଳବୀ ଓ ମାନବବାଦୀ ନେତାମାନଙ୍କ ଆଦର୍ଶ ଓ ଜୀବନର ମୂଲ୍ୟବୋଧରୁ ନେତାଜୀ ବହୁ ଶିକ୍ଷା ନେଇ ନିଜ ଜୀବନାଦର୍ଶକୁ ପରିପୁଷ୍ଟ କରିଛନ୍ତି। ଛାତ୍ର ବେଳେ ପ୍ରଧାନଶିକ୍ଷକ ବେଣୀମାଧବ ଦାସଙ୍କ ଠାରୁ ଆରମ୍ଭ କରି ବିବେକାନନ୍ଦ, ଦେଶବନ୍ଧୁ ଚିତରଞ୍ଜନ ଦାସ, ଖୁଦିରାମ, ଭଗତ ସିଂ ପର୍ଯ୍ୟନ୍ତ ଏବଂ ମହାନ ମାର୍କ୍ସ, ଲେନିନ୍, ଷ୍ଟାଲିନ୍‌ଙ୍କ ସଂଗ୍ରାମମୟ ଜୀବନାଦର୍ଶନରେ ପ୍ରଭାବିତ ହୋଇ ବିଶ୍ୱ ବିପ୍ଳବର ନାୟକମାନଙ୍କଠାରୁ ଶିକ୍ଷାନେଇ ସ୍ୱଦେଶ ମୁକ୍ତି ଆନ୍ଦୋଳନରେ ଝାସ ଦେଇଛନ୍ତି । ଜୀବନର ସର୍ବସ୍ୱ ଦେଇଯାଇଛନ୍ତି – ଆଜି ସେ ଆଉ କିଛି ଦେବାକୁ ଆମ ପାଖରେ ନାହାନ୍ତି । ତାଙ୍କ ଆଦର୍ଶରୁ ଆମ୍ଭମାନଙ୍କୁ ଶିକ୍ଷା ନେବାକୁ ହେବ – ଦେଶକୁ ସାମ୍ରାଜ୍ୟବାଦୀ-ପୁଂଜିବାଦୀ ଶୋଷକ ଶାସକର ନାଗଫାଶ ବନ୍ଧନରୁ ମୁକ୍ତ ହେବାପାଇଁ ମୁକ୍ତିଯୁଦ୍ଧ ଆରମ୍ଭ କରିବାକୁ ହେବ । ଏଥିପାଇଁ ସଠିକ୍ ନେତୃତ୍ୱ, ସଠିକ୍ ରାସ୍ତା, ସଠିକ୍ ମତାଦର୍ଶ ଓ ଉନ୍ନତ ନୈତିକ ଚରିତ୍ର ଏକାନ୍ତ ଆବଶ୍ୟକ ହୋଇପଡିଛି ।
ଆଜି ନେତାଜୀ ସୁଭାଷ ବୋଷଙ୍କ ସ୍ୱନକ୍ଷତ୍ର ତିଥିରେ ଆସନ୍ତୁ – ଆମେ ସମସ୍ତେ ଶପଥ ନେବା – ପଚମାନ ସମାଜ ଓ ଶାସନ ବ୍ୟବସ୍ଥାକୁ ବିପ୍ଳବର ଆଘାତରେ ଚୁରମାର କରି ଏକ ନୂଆ ସକାଳ – ନୂଆ ସମାଜ – ନୂଆ ବ୍ୟବସ୍ଥା ଗଢି ତୋଳିବା – ଯେଉଁଠି ନ ଥିବ ଅନ୍ୟାୟ, ଅତ୍ୟାଚାର, ଶୋଷଣ, କର୍ଷଣ, ବ୍ୟଭିଚାର, ଦମନ, ପୀଡନ, ଅଭାବ, ଅନାଟନ, କେବଳ ବିରାଜମାନ କରୁଥିବ ଶାନ୍ତି – ସାମ୍ୟ – ମୈତ୍ରୀ ସୌଭ୍ରାତ୍ର ହେବ ଆମ ଅଗ୍ରଗାମୀ ଅଭିଯାନକାଳୀନ ପଟୁଆର – ସଂଗୀତର ଗୋଟିଏ ଗୋଟିଏ ମାର୍ମିକ ମୂର୍ଚ୍ଛନା ! ହେ ମୁକ୍ତିପଥର ଅଗ୍ରଦୂତ ! କୋଟିପ୍ରାଣର ପ୍ରେରଣାଦାତା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ – ତୁମକୁ ଆମର କୋଟି କୋଟି ରକ୍ତପ୍ରଣାମ !

# ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଭୂମିକା


ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ,କଟକ
ମୋ:୯୪୩୮୦୭୦୮୪୯

ମୃତ୍ୟୁ ପରେ ମଧ୍ୟ ଯିଏ ଜନ ମାନସରେ ସ୍ମରଣୀୟ ହୋଇରୁହେ ସେ ଅମର ଓ କାଳଜୟୀ । ସେମାନଙ୍କର ପାର୍ଥିବ ଶରୀରକୁ ଅଗ୍ନି ଭସ୍ମ କରିଦିଏ ସତ କିନ୍ତୁ ନିଜର ସମାଜ ପାଇଁ ଯେଉଁ ଅକୁଣ୍ଠ ଅବଦାନ ଥାଏ ତାହା ତାଙ୍କୁ ସର୍ବଦା ଜୀବିତ ରଖିଥାଏ ।ଓଡ଼ିଆ ଭାଗବତରେ ବର୍ଣ୍ଣିତ ଅଛି ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେବି ମରଇ । ଅର୍ଥାତ୍ ଧରାପୃଷ୍ଠରେ ଯିଏ ଜନ୍ମ ନେବ ସେ ଭଗବାନ ହେଲେବି ତାର ମୃତ୍ୟୁ ସୁନିଶ୍ଚିତ । ଜନ୍ମ ଓ ମୃତ୍ୟୁ ଚିରନ୍ତନ ସତ୍ୟ । ନିଜର କର୍ମମୟ ଜୀବନରେ ନିଃସ୍ୱାର୍ଥପର ହୋଇ ସମାଜ ଉପଯୋଗୀ କାର୍ଯ୍ୟ କରି ଭାରତରେ ଯେଉଁ କେତେଜଣ ମହାମନିଷୀ ଆଜି ଆମ ପାଇଁ ଅମର ହୋଇ ରହିଯାଇଛନ୍ତି ତାଙ୍କ ମଧ୍ୟରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ହେଉଛନ୍ତି ଅନ୍ୟତମ । ଯଦିଓ ମହାତ୍ମା ଗାନ୍ଧୀଙ୍କ ଅହିଂସା ଉପାୟରେ ପରାଧୀନ ଭାରତ ବ୍ରିଟିଶ କବଳରୁ ମୁକ୍ତ ହେଇ ସ୍ୱାଧୀନତାର ଅପାର ମଧୁରତାର ସ୍ୱାଦ ଚାଖିଲା, କିନ୍ତୁ ସଶସ୍ତ୍ର ଯୁଦ୍ଧ ବଳରେ ଭାରତକୁ ସ୍ୱାଧୀନତା ପ୍ରଦାନ କରିବା ଲାଗି ସୁନିୟୋଜିତ ସଂଗ୍ରାମ କରିଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ସ୍ୱାଧୀନତା ହାସଲରେ ତାଙ୍କ ସଂଘର୍ଷର ଭୂମିକା,ଜୀବନ ବ୍ୟାପି ତ୍ୟାଗ ଓ ସଂଗ୍ରାମର ପଟାନ୍ତର ନାହିଁ ।ଛାତ୍ର ଜୀବନରୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେଉଥିବା ସୁଭାଷ ଭାରତର ସ୍ୱାଧୀନତା ପାଇଁ ଗୋରା ସରକାରଙ୍କ ସହ ସାହସିକତାର ସହ ଲଢ଼େଇ କରି ନିଜ ଜୀବନକୁ ଉତ୍ସର୍ଗ କରି ନିଜକୁ ପରିଚିତ କରାଇଥିଲେ । ନିଜର ଜନ୍ମ ମାଟି ଭାରତ ମା ପାଇଁ ନିଜ ଜୀବନକୁ ତିଳତିଳ କରି ଜାଳିଥିଲେ । ଜଣେ ସନ୍ତାନ ଭାବେ ମା ପାଇଁ ଯାହା କରିବା ଉଚିତ, ସେ ଠିକ୍ ସେଇଆ ହିଁ କରିଥିଲେ । ସ୍ୱାଧୀନତା ନିଜର ହକ୍ ତେଣୁ ନିଜ ହକ୍ କୁ ଛଡେଇ ଆଣିବା ପାଇଁ ବିରଦ୍ଧ ପ୍ରଦର୍ଶନ କରି ଭାରତ ମା ର ବୀରପୁତ୍ର ଭାବେ ପରିଗଣିତ ହେଲେ । ଭାରତ ବର୍ଷରେ ନେତା ବା ନେତୃତ୍ୱର କୌଣସି ଅଭାବ ନାହିଁ,ମାତ୍ର ଏହି ଶହେ ତିରିଶ କୋଟି ଦେଶବାସୀ ମଣ୍ଡିତ ଦେଶରେ କେବଳ ଜଣଙ୍କୁ ହିଁ ସଭିଏଁ ଶ୍ରଦ୍ଧା ଓ ସମ୍ମାନର ସହ ନେତାଜୀ ଭାବେ ସମ୍ବୋଧନ କରନ୍ତି, ସେ ଅନ୍ୟ କେହି ନୁହଁନ୍ତି ପବିତ୍ର ଉତ୍କଳ ଭୂମିରେ ଜନ୍ମିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ଦେଶ ଓ ସମାଜ ପାଇଁ ସେ ଯାହା କରିଥିଲେ ତାହା ଅଦ୍ୟାବଧି ଚିରବନ୍ଦିତ ଓ ପ୍ରେରଣାଦାୟୀ ହୋଇରହିଛି। ଭାରତ ଇତିହାସରେ ଜଣେ ପ୍ରଖର ସ୍ୱାଧୀନତା ସଂଗ୍ରାମୀ ତଥା ବିଚକ୍ଷଣ ଜନନେତା ଭାବେ ସେ ପରିଚିତ । ସେ ଭାରତର ଏମିତି ଜଣେ ବୀରପୁତ୍ର ଥିଲେ ଯିଏ ଦେଶକୁ ସ୍ୱାଧୀନ କରିବାକୁ ବ୍ରିଟିଶମାନଙ୍କ ସହ ମୁହାଁମୁହିଁ ଲଢ଼ିବାକୁ ସ୍ଥିର କରିଥିଲେ ।ଭାରତୀୟ ପ୍ରଶାସନିକ ସେବାରେ ଚାକିରି ପାଇଁ ଥିଲେ ମଧ୍ୟ ଏହାକୁ ପ୍ରତ୍ୟାଖାନ କରି ନିଜର ସମ୍ପୂର୍ଣ୍ଣ ଜୀବନ ଦେଶ ଓ ଦେଶବାସୀଙ୍କୁ ଉତ୍ସର୍ଗ କରିଥିଲେ । ଏଥିରୁ ନେତାଜୀଙ୍କର ନିଜର ମାତୃଭୂମି ଓ ସମାଜ ପାଇଁ ଅନନ୍ୟ ଭଲପାଇବା ଓ ସମର୍ପଣ ନିଦର୍ଶିତ ହେବା ସହ ସ୍ପଷ୍ଟ ହୁଏ ଯେ କିଭଳି ସମାଜ ଓ ଦେଶର ସ୍ୱାର୍ଥ ପାଇଁ ସେ ନିଜର ସ୍ୱାର୍ଥ ଓ ସୁଖକୁ ଜଳାଞ୍ଜଳି ଦେଇଥିଲେ ।
୧୮୯୭ ମସିହା ଜାନୁଆରୀ ମାସ ୨୩ ତାରିଖ ଶନିବାର ଦିନ କଟକ ଜିଲ୍ଲାର ଓଡ଼ିଆ ବଜାରରେ ପିତା ଜାନକୀନାଥ ବୋଷ ଓ ମାତା ପ୍ରଭାବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ସୁଭାଷ । ତାଙ୍କ ପିତାମାତାଙ୍କର ୧୪ଟି ସନ୍ତାନ/ସନ୍ତତି ମଧ୍ୟରେ ସେ ଥିଲେ ନବମ ତଥା ଷଷ୍ଠ ପୁଅ । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଜନ୍ମରୁ ସେ ଖୁବ୍ ବୁଦ୍ଧିମାନ ଥିଲେ । ୧୯୦୨ ମସିହାରେ ତାଙ୍କର ବିଦ୍ୟାଳୟ ପାଠପଢ଼ା ଜୀବନ ମିଶନାରୀ ବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥିଲା । ମିଶନାରୀ ବିଦ୍ୟାଳୟରେ ଭାରତୀୟମାନେ ବିଶେଷ ସୁବିଧାରୁ ବଞ୍ଚିତ ହେଉଥିବାର ସେ ଅନୁଭବ କରିଥିଲେ ଯାହାକି ତାଙ୍କ ବାଲ୍ୟ ଜୀବନକୁ ପ୍ରଭାବିତ କରିଥିଲା । ୧୯୦୯ ମସିହାରେ ରେଭେନ୍ସା କଲିଜିଏଟ ସ୍କୁଲରେ ସେ ତାଙ୍କର ଶିକ୍ଷା ଜୀବନର ଦ୍ୱିତୀୟ ସୋପାନ ଆରମ୍ଭ କରିଥିଲେ । ତତ୍କାଳୀନ ସେଠାକାର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବେଣିମାଧବ ଦାସ ଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ବିନୟୀ ଓ ବାଗ୍ମୀ ଛାତ୍ର ରୂପେ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ଛାତ୍ର ଜୀବନରେ ସର୍ବଦା ବିବେକାନନ୍ଦଙ୍କ ଜୀବନ ଦର୍ଶନଦ୍ୱାରା ପ୍ରଭାବିତ ହୋଇଥିବା ସୁଭାଷ ବିଦ୍ୟାଳୟ ଅନୁଶାସନରୁ ସମନ୍ୱୟମ୍ଭକ ଜାତୀୟତାବୋଧ ହୃଦୟଙ୍ଗମ କରିଥିଲେ । ସେ ସମୟରେ ସହିଦ ଖୁଦୀରାମଙ୍କ ସ୍ମୃତିଚାରଣ କରି ଅଗ୍ନିବର୍ଷୀ ଭାଷଣ ମାଧ୍ୟମରେ ଦେଶାତ୍ମବୋଧର ପରିଚୟ ଦେଇଥିଲେ । ବାଲ୍ୟ ଜୀବନର ୧୬ ବର୍ଷ ଓଡ଼ିଶାରେ ସମାପ୍ତ କଲାପରେ ଉଚ୍ଚଶିକ୍ଷା ନିମିତ୍ତ କଲିକତାର ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ ସମୟରେ ତାଙ୍କର ଶିକ୍ଷକ ପ୍ରଫେସର ଓଟେନଙ୍କ ଭାରତ ବିରୋଧୀ ମନ୍ତବ୍ୟରେ କ୍ଷୁବ୍ଧ ହୋଇ ତାଙ୍କୁ ଗାଳିଗୁଲଜ କରିବା ତଥା ମାଡ଼ମାରିବା ଅଭିଯୋଗରେ ସେଠାରୁ ସୁଭାଷ ବିତାଡିତ ହୋଇଥିଲେ । ସେଠାରୁ ବିତାଡିତ ହେବା ହିଁ ତାଙ୍କ ପାଇଁ ବରଦାନ ସଦୃଶ ଥିଲା । ବିତାଡିତ ପରେ ତାଙ୍କର ଆତ୍ମପ୍ରତ୍ୟୟ ଶକ୍ତିଶାଳୀ ହେଲା ଏବଂ ଜଣେ ଦେଶପ୍ରେମୀ ଛାତ୍ର ଭାବରେ ସର୍ବତ୍ର ବିଦ୍ୟମାନ ହୋଇଥିଲେ । ସେ ଜଣେ ବିତାଡିତ ଛାତ୍ର ଭାବେ ୧୯୧୬ ମସିହାରେ କଟକକୁ ପ୍ରତ୍ୟାବର୍ତ୍ତନ କରି ସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ପାଇଁ ମନ ବଳାଇଥିଲେ ଏବଂ ଉତ୍ସାହ ଓ ଉଦ୍ଦୀପନାର ସହ ସମାଜ ସେବାରେ ନିଜକୁ ବ୍ରତୀ ରଖିଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ନିଜ ପିତାଙ୍କ ଅନୁରୋଧକ୍ରମେ ସ୍କଟିସ୍ କଲେଜରେ ୧୯୧୮ ମସିହାରେ ଦର୍ଶନଶାସ୍ତ୍ରରେ ସ୍ନାତକ ପାଠ ସମାପ୍ତ କରିଥିଲେ । ୧୯୨୧ ମସିହାରେ ଆଇ.ସି.ଏସ (ବର୍ତ୍ତମାନର ଭାରତୀୟ ପ୍ରଶାସନିକ ସେବା) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ଜାଲିଓ୍ୱାନାବାଗ୍ ହତ୍ୟାକାଣ୍ଡରେ ଗଭୀର ଭାବେ ମର୍ମାହତ ହୋଇ ଅତ୍ୟାଚାରୀ ଗୋରା ସରକାର ପାଇଁ କାର୍ଯ୍ୟ ନକରିବା ନିମନ୍ତେ ଦୃଢ଼ ସଂକଳ୍ପ ନେଇଥିଲେ ଏବଂ ସେହିଠାରୁ ହିଁ ନେତାଜୀଙ୍କର ଆନୁଷ୍ଠାନିକ ଭାବେ ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ପଡିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।
୧୯୨୩ ମସିହାରେ ଭାରତ ମାତାକୁ ପରାଧୀନ ଶୃଙ୍ଖଳରୁ ମୁକ୍ତ କରିବା ପାଇଁ କଂଗ୍ରେସ ଦଳ ସହ ମିଶି ଆରମ୍ଭ କରିଥିଲେ ସଂଗ୍ରାମ । ସେ ପ୍ରଥମ ଭାରତୀୟ ବିପ୍ଳବୀମାନଙ୍କ ମଧ୍ୟରେ ଥିଲେ, ଯେଉଁମାନେ ଅନ୍ୟ ବୃହତ୍ ଶକ୍ତିମାନଙ୍କ ସହିତ ସକ୍ରିୟ ଭାବରେ ମିଳିତ ସହଯୋଗ ଖୋଜିଥିଲେ ଏବଂ ବ୍ରିଟିଶ୍ ସୈନ୍ୟ ବାହିନୀକୁ ପ୍ରତିରୋଧ କରିବା ପାଇଁ ଏକ ଭାରତୀୟ ଜାତୀୟ ସେନା ଗଠନ କରିଥିଲେ । ସେ ମିଳିତତାର ମହତ୍ତ୍ୱକୁ ହୃଦୟଙ୍ଗମ କରିଥିଲେ ତେଣୁ ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢ଼ିବା ପାଇଁ ହିନ୍ଦୁ ଏବଂ ମୁସଲମାନ ସୈନିକମାନଙ୍କୁ ଏକତ୍ର କରି ନିଜର ସଂଗ୍ରାମ ଜାରି ରଖିଥିଲେ। ରଚନା କରିଥିଲେ ଚକ୍ରବ୍ୟୁହ । ଆଖିରେ ନଥିଲା ନିଦ । ଶୟନେ ସପନେ ଆଖି ଆଗରେ ନାଚି ଯାଉଥିଲା କିପରି ଭାରତ ସ୍ୱାଧୀନତା ପ୍ରାପ୍ତି ହେବ । ୧୯୨୪ ମସିହାରେ କଲିକତା ମହାନଗରୀ ନିଗମର ମେୟର ଭାର ତୁଲାଇଥିଲେ। ଚାକିରୀ ଛାଡ଼ି ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୯୩୦ ମସିହାରେ ସେ ଆଇନ୍ ଅମାନ୍ୟ ଆନ୍ଦୋଳନରେ ଗିରଫ ହୋଇ ୧୯୩୧ ମସିହାରେ ଗାନ୍ଧୀ ଇରୱିନ ଚୁକ୍ତି ପରେ ଜେଲ୍ ରୁ ମୁକ୍ତି ହୋଇଥିଲେ । ଜେଲ୍ ରୁ ମୁକ୍ତି ହେବା ପରେ ଗାନ୍ଧିଜୀଙ୍କ ସହ ପୁନର୍ବାର ମିଶି ସ୍ୱାଧୀନତା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ । ଗାନ୍ଧିଜୀଙ୍କର ଆଦର୍ଶ ଥିଲା ଅହିଂସା ମାଧ୍ୟମରେ ସ୍ୱାଧୀନତା ହାସଲ କରିବା କିନ୍ତୁ ସୁଭାଷଙ୍କର କହିବାର କଥା ଥିଲା ସ୍ୱାଧୀନତା ଆମର ହକ୍ ତେଣୁ ଆମର ହକ୍ ସାବ୍ୟସ୍ତ କରିବା ପାଇଁ ଆମକୁ ଆକ୍ରମଣାତ୍ମକ ମନୋଭାବ ଆପଣେଇବାକୁ ପଡ଼ିବ । ନିଜର ହକ୍ ପାଇଁ କେବେ ଆମେ କାହାର ଦୟାର ପାତ୍ର ବନିବା ନାହିଁ । ତେଣୁ ଏହିଭଳି ଆଦର୍ଶଗତ ମତଭେଦ କାରଣରୁ ସେ ୧୯୩୯ ମସିହାରେ କଂଗ୍ରେସଦଳ ଛାଡ଼ି ଦେଇଥିଲେ । ୧୯୪୧ ମସିହାରେ, ସେ ହିଟଲରଙ୍କ ସହ ସାକ୍ଷାତ କରିଥିଲେ ଏବଂ ଭାରତୀୟ ସଶସ୍ତ୍ର ବାହିନୀକୁ ଜର୍ମାନୀର ସହାୟତା ପାଇଁ ଅନୁରୋଧ କରିଥିଲେ କିନ୍ତୁ ଏଥିରେ କିଛି ସୁଫଳ ମିଳିନଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅର୍ଥାତ୍ ୧୯୪୨ ମସିହାରେ ରାସ ବିହାରୀ ବୋଷ ଭାରତକୁ ଇଂରେଜମାନଙ୍କ କବଳରୁ ମୁକ୍ତ କରିବା ନିମନ୍ତେ ଜାପାନ ଦ୍ୱାରା ବନ୍ଦୀ ହୋଇଥିବା ଭାରତୀୟ ସୈନ୍ୟଙ୍କୁ ନେଇ ଏକ ସଶସ୍ତ୍ର ସେନା 'ଆଜାଦ ହିନ୍ଦ୍ ଫୌଜ' ଗଠନ କରିଥିଲେ । ନେତାଜୀଙ୍କର ବଳିଷ୍ଠ କାର୍ଯ୍ୟ ଦକ୍ଷତା ତଥା ନିଷ୍ଠାପର ସାଧନା ଯୋଗୁଁ ପରବର୍ତ୍ତୀ ସମୟରେ 'ଆଜାଦ ହିନ୍ଦ୍ ଫୌଜ'ର ସର୍ବୋଚ୍ଚ ସେନାପତି ପଦରେ ଅଧିଷ୍ଠିତ ହୋଇପାରିଥିଲେ । ଏହାପରେ ବର୍ମା ଓ ମାଳୟାରେ ଥିବା ଭାରତୀୟ ସ୍ୱୟଂସେବକ ମାନଙ୍କୁ ଦଳରେ ସାମିଲ କରି ଏକ ମଜଭୁତ ସେନା ବାହିନୀ ପ୍ରସ୍ତୁତ କରିଥିଲେ ସୁଭାଷ । ଇଂରେଜମାନେ ନିଜେ କେବେ ସ୍ୱତଃସ୍ଫୂର୍ତ୍ତ ଭାବେ ଭାରତ ଛାଡ଼ି ପଳାୟନ କରିବେ ନାହିଁ ତେଣୁ ଭାରତ ଭିତରୁ ଏବଂ ଭାରତ ବାହାରୁ ଦେଶର ସ୍ୱାଧୀନତା ପାଇଁ ଲଢେଇ କରିବାକୁ ପଡ଼ିବ ବୋଲି ଅନୁଭବ କରି ବିଦେଶ ମାଟିରେ ସ୍ୱାଧୀନ ଭାରତର ପ୍ରଥମ ଅସ୍ଥାୟୀ ସରକାର ଗଠନ କରିଥିଲେ ଯାହାକୁ ଚାଇନା, ବର୍ମା, ଇଟାଲୀ, ଫିଲିପାଇନ୍ସ, ଜାପାନ,ଜର୍ମାନ ଭଳି ୯ଟି ରାଷ୍ଟ୍ର ସ୍ୱୀକୃତି ପ୍ରଦାନ କରିଥିଲେ । କେବଳ ସେତିକି ନୁହେଁ 'ଆଜାଦ ହିନ୍ଦ୍ ରେଡିଓ', 'ମୁଦ୍ରା ଡାକଘର', ଓ 'ଆଜାଦ ହିନ୍ଦ୍ ବ୍ୟାଙ୍କ', ଭଳି କେତେକ ଅନୁଷ୍ଠାନ ସ୍ଥାପନା କରିଥିଲେ । ଭାରତର ପୂର୍ଣ୍ଣ ସ୍ୱାଧୀନତା ପାଇଁ ୧୯୪୩ ମସିହାରେ ଜାପାନର ଟୋକିଓ ସହରରୁ ଆଜାଦ ହିନ୍ଦ୍ ରେଡିଓ' ମାଧ୍ୟମରେ ତାଙ୍କର ଯେଉଁ ଡାକରା ଥିଲା ତାହା ହେଉଛି 'ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧିନତା ଦେବି' ,'ଦିଲ୍ଲୀ ଚଲ୍ଲୋ' ଓ 'ଜୟହିନ୍ଦ'। ତାଙ୍କର ଏହିଭଳି ବଜ୍ର ଆହ୍ୱାନ ଭାରତବାସୀଙ୍କ ମନରେ ଭରି ଦେଉଥିଲା ଅପୂରଣୀୟ ଶକ୍ତି। ତାଙ୍କ ନାରାରେ ଏତେ ଦମ୍ଭ ଥିଲା ଯେ ପ୍ରତିଟି ଭାରତୀୟଙ୍କ ରକ୍ତ ଗରମ ହୋଇଯାଉଥିଲା । ସେ ନିର୍ଭୀକତାର ପାଠ ପଢେଇ ସମଗ୍ର ଜନତାଙ୍କୁ ଏକଜୁଟ୍ କରିପାରିଥିଲେ । ତାଙ୍କର ଏହିଭଳି ଡାକରାରେ ଅନୁପ୍ରାଣିତ ହୋଇ କୋଟି କୋଟି ଭାରତୀୟ ସ୍ୱାଧୀନତା ଲଢେଇରେ ଝାସ ଦେଇଥିଲେ । ୧୯୪୪ ମସିହା ଫେବୃଆରୀ ମାସ ୪ ତାରିଖରେ ଭାରତ ଓ ବ୍ରହ୍ମ ଦେଶର ସୀମାରେ 'ଆଜାଦ୍ ହିନ୍ଦ୍ ଫଉଜ' ପହଞ୍ଚିଥିଲା । ଏହାର ସୈନ୍ୟ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉନ୍ମାଦନା ଖେଳିଗଲା । ଏହାର ପ୍ରଧାନ ସେନାପତି ଭାବେ ନେତାଜୀ କହିଥିଲେ, 'ଦେଖ, ଆଗରେ ତୁମ ଦେଶର ନଦୀ, ନାଳ, ପାହାଡ଼, ପର୍ବତ ଦଣ୍ଡାୟମାନ ହୋଇଛି । ଆରପଟେ ଆମର ମାଟି ମାଆ। ଆମେ ତାର କୋଳକୁ ଫେରୁଛେ । ହେ ବୀର ସୈନ୍ୟ ଗଣ ! ଜାଗି ଉଠ । ମାଟି ମାଆକୁ ଏ ଇଂରେଜ କବଳରୁ ମୁକ୍ତ କର ନଚେତ୍ ଦେହ ତ୍ୟାଗ କର । ଆମକୁ ଏ ଦୁଇଟିରୁ ଗୋଟିଏ ଆପଣାଇବାକୁ ପଡ଼ିବ' । ଏଇ କେଇପଦ କଥାରେ ଅନୁପ୍ରାଣିତ ହୋଇ 'ଆଜାଦ ହିନ୍ଦ୍ ଫୌଜ'ର ସୈନ୍ୟମାନେ ମଣିପୁର, କୋହିମା, ପଲେଇ ଏବଂ ଆରକାମା ଆଦି ଅଞ୍ଚଳକୁ ନିଜ ଅଧିକାରକୁ ନେଇଥିଲେ । ଆଜାଦ ହିନ୍ଦ୍ ଫୌଜର ଅଦମ୍ୟ ସାହସ ଆଗରେ ଇଂରେଜ ସରକାର ହାର ମାନିଥିଲା ଫଳରେ ଭାରତର କିଛି ପ୍ରଦେଶ ପରାଧୀନ ଶୃଙ୍ଖଳରୁ ମୁକ୍ତ ହୋଇଥିଲା । ପୂର୍ଣ୍ଣ ସ୍ୱାଧୀନତା ପାଇଁ 'ଆଜାଦ ହିନ୍ଦ୍ ଫୌଜ' ଲଢେଇ ଜାରି ରଖିଥିଲେ ମଧ୍ୟ ବିମାନ ଦୁର୍ଘଟଣା କାରଣରୁ ନେତାଜୀଙ୍କର ଅକାଳ ବିୟୋଗ ଘଟିବାରୁ କାରଣରୁ ଆଜାଦ ହିନ୍ଦ୍ ସଂଗଠନ ଭାଙ୍ଗିଯାଇଥିଲା । ଯଦିଓ ନେତାଜୀଙ୍କ ମୃତ୍ୟୁ ରହସ୍ୟକୁ ନେଇ ଅନେକ ଗୁପ୍ତ ରହସ୍ୟ ରହିଛି ତଥାପି ସେ ଜୀବିତ ଥାଆନ୍ତୁ କି ତାଙ୍କର ମୃତ୍ୟୁ ହୋଇଥାଏ ତଥାପି ସେ ଅମର । ତାଙ୍କର ବୀରତ୍ୱ ଆଗରେ ଆମେ ସମସ୍ତେ ଚିରଋଣୀ।

କେବଳ ନେତାଜୀଙ୍କର ଜନ୍ମ ଉତ୍କଳରେ ଏହା ଉପରେ ଗର୍ବିତ ନହୋଇ ତାଙ୍କର ଆଦର୍ଶ, ଦୃଢ଼ ଇଚ୍ଛାଶକ୍ତି ଓ ପ୍ରତିକୂଳ ପରିବେଶରେ କିଭଳି ଅନ୍ୟ ଆଗରେ ମୁଣ୍ଡ ନ ନୂଆଇ ଜାତି ଓ ଦେଶର ଉତ୍ଥାନ କରିହେବ ତାହା ପ୍ରତି ଆମ୍ଭେ ସମସ୍ତେ ଦୃଷ୍ଟି ଦେବା ଜରୁରୀ। ତାଙ୍କର ଏହି ସବୁ ଗୁଣରୁ ଅନୁପ୍ରାଣିତ ହୋଇ ଯଦି ଆଜିର ଓଡିଆ ଯୁବଗୋଷ୍ଠୀ କାର୍ଯ୍ୟ କରିବ ତେବେ ଆମ ରାଜ୍ୟ ନିକଟ ଭବିଷ୍ୟତରେ କେବେ ମଧ୍ୟ ପଛୁଆ ଓ ଅବେହେଳିତ ରାଜ୍ୟ ଭାବେ ପରିଚୟ ପାଇବନାହିଁ । ଭାରତର ସ୍ୱାଧୀନତା ସଂଗ୍ରାମରେ ଯେତେ ସବୁ ମହାମନିଷୀ ମାନେ ସାମିଲ ହୋଇଥିଲେ ତନ୍ମଧ୍ୟରୁ ନେତାଜୀ ହେଉଛନ୍ତି ଅନ୍ୟତମ । ତାଙ୍କର ବିରତ୍ୱ, ବ୍ୟକ୍ତିତ୍ୱ, ପୌରୁଷ ତଥା ମହାନ ଆଦର୍ଶ ଏ ଜାତିର ପାଥେୟ । ବିଶେଷ କରି ଯୁବ ଶକ୍ତିମାନଙ୍କ ମନରେ ମାତୃଭୂମି ପ୍ରତି ପ୍ରେମର ପୁଲକ ପ୍ଲାବିତ କରିବା ପାଇଁ ତାଙ୍କର ଜୀବନ ଆଦର୍ଶ ପ୍ରଣିଧାନଯୋଗ୍ୟ ।ଯେତେବେଳେ ଆମ ଦେଶ ଆତ୍ମନିର୍ଭରଶୀଳର ସଂକଳ୍ପ ନେଇ ଆଗକୁ ବଢୁଛି ସେତେବେଳେ ନେତାଜୀଙ୍କ ଜୀବନ ଶୈଳୀ ଆମ ସମସ୍ତଙ୍କ ପାଇଁ ପ୍ରେରଣା । ତାଙ୍କର ଏତାଦୃଶ ସାହସିକତା ଅସୀମ ଧୈର୍ଯ୍ୟ ତଥା ବୀରତ୍ୱର ପରାକାଷ୍ଠା ନିମନ୍ତେ ଭାରତ ସରକାର ତାଙ୍କ ଜନ୍ମ ଜୟନ୍ତୀ(ଜାନୁଆରୀ ୨୩)କୁ ସାହସିକତା ଦିବସ ବୋଲି ପାଳନ କରନ୍ତି।
ତେଣୁ ହେ ଯୁବ ବନ୍ଧୁଗଣ ! ଆଗେଇ ଆସ ଶପଥ ନିଅ। ନବ ପ୍ରସ୍ଫୁଟିତ ସୂର୍ଯ୍ୟର କିରଣ ଭଳି ତେଜୀୟାନ ହୋଇ ଅତୀତର ତିକ୍ତତା ଓ ସମସ୍ତ ବ୍ୟର୍ଥତାକୁ ପାଦରେ ଦଳି ଦେଶ ମାତୃକାକୁ ସୁରକ୍ଷା ଦେଇ ଦେଶର ପ୍ରଗତି ପଥରେ ସାମିଲ ହେବା, ଆଜି ଦିନର ଆହ୍ୱାନ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

27 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଜାନୁଆରୀ ୨୦୨୪ ମଙ୍ଗଳବାର





### ||||||| ଦାମୀ ଗାଡ଼ିରେ ଅପରାଧୀ ଲେଖୁଛନ୍ତି ପ୍ରେସ୍ |||||||

# ନିଜକୁ ସାମ୍ବାଦିକ କହି ଚଳାଉଛନ୍ତି ଆତଙ୍କରାଜ୍




**କଟକ, ନ୍ୟୁଜ୍ ବ୍ୟୁରୋ**

ସାମ୍ବାଦିକ ନାମରେ ବଢୁଛି ଅପରାଧ । ଗ୍ୟାଙ୍ଗଷ୍ଟର ସକିଲ ଏବଂ ତା ସହଯୋଗୀ ହିଂମାଂଶୁ ଶେଖର ସାହୁ ଅପରାଧ କରିବା ସହ ନିଜ ଦାମୀ ଗାଡିରେ ପ୍ରେସ୍ ଲେଖା ଷ୍ଟିକର ମାରିଥିବା ସାମ୍ନାକୁ ଆସିଛି । କେବଳ ଏହି ଗୋଟିଏ ଘଟଣା ନୁହେଁ ବିଭିନ୍ନ ସମୟରେ ନିଜକୁ ସାମ୍ବାଦିକ କହି ଆତଙ୍କରାଜ ଚଳାଉଛନ୍ତି ଅପରାଧୀ । ସକିଲ ଗ୍ୟାଙ୍ଗର ପ୍ରମୁଖ ସହଯୋଗୀ ଭାବେ ହିଂମାଂଶୁ ଶେଖର ସାହୁ ହାତରେ ହାତକଡି ପିନ୍ଧାଇଛି କଟକ ସଦର ଥାନା ପୋଲିସ । ହିଂମାଂଶୁ ଠାରୁ ପୋଲିସ ଜବତ କରିଥିବା ଦାମୀ ଗାଡିରେ ଲେଖାଥିଲା ପ୍ରେସ୍ । ପୋଲିସର ପଚରାଉଚରା ସମୟରେ ନ୍ୟୁଜ୍ ୱାନ ନାମକ ଏକ ସଂସ୍ଥାର ଆଇଡି କାର୍ଡ ତିଆରି କରି ପ୍ରେସ୍ ଲେଖି ବୁଲୁଥିଲା । ସାମ୍ବାଦିକ ଲୋଗକୁ ଢାଲ କରି ଘଟାଉଥିଲା ଅନେକ ଅପରାଧ । କେବଳ ସଦର ଥାନା ନୁହେଁ ବରଂ ଭୁବନେଶ୍ୱରର ମଧ ବିଭିନ୍ନ ଥାନାରେ ହିଂମାଂଶୁ ନାମରେ ରହିଛି ଅପରାଧିକ ମାମଲା । ଆଗକୁ ନିର୍ବାଚନ ଆସୁଥିବାରୁ ଏଭଳି ଅସାମାଜିକ ବ୍ୟକ୍ତିମାନେ ନିଜକୁ ସାମ୍ବାଦିକ ପରିଚୟ ଦେଇ ବହୁ ଅପରାଧ ଘଟାଇବାର ସନ୍ଦେହ କରାଯାଉଛି । ବେଆଇନ୍ ଭାବେ ସୋସିଆଲ ମିଡିଆରେ ଖବର ପକାଇ ସାମ୍ବାଦିକ କହି ଅପରାଧ ଘଟାଉଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି । ତେବେ ସୋସିଆଲ ମିଡିଆକୁ ଢାଲ କରି ପ୍ରେସ୍‌କୁ ଦୁରୁପଯୋଗ କରୁଥିବା ଡିସିପି କହିଛନ୍ତି । ତେବେ ଏଭଳି ଅଭିଯୋଗ ଆସିଲେ ବା ପୋଲିସ ନଜରକୁ ଆସିଲେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଡିସିପି କହିଛନ୍ତି । କେବଳ କଟକ ସହରରେ ପ୍ରତ୍ୟେକ ଦିନ ନୂଆ ବୁମ୍ ଓ ଲୋଗୋ ସହ ସୃଷ୍ଟି ହେଉଛନ୍ତି ସାମ୍ବାଦିକ । କିଏ ଅସଲି କିଏ ନକଲି ତାହା କହିବା ମୁସ୍କିଲ । କଟକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟ ଅନୁସାରେ ସହରରେ ୧୩୩ ଜଣ ଓ ଜିଲ୍ଲାରେ ୪୭୩ ଜଣ ପଞ୍ଜିକୃତ ସାମ୍ବାଦିକ ଅଛନ୍ତି । ସେହିଭଳି ୨୮ଟି ୱେବ୍ ଚ୍ୟାନେଲର ତଥ୍ୟ ରହିଛି । ସେପଟେ ପ୍ରତ୍ୟେକ ଦିନ ନୂଆ ନୂଆ ନ୍ୟୁଜ୍ ନାମରେ ସୋସିଆଲ ମିଡିଆରେ ଆସୁଛି ଖବର । ତେବେ ଏଥିପ୍ରତି କୌଣସି ପ୍ରତିବନ୍ଧକ ରହୁନଥିବାରୁ ଏଭଳି ହେଉଥିବା ଆଇଟି ଏକ୍ସପର୍ଟ କହିଛନ୍ତି । ବର୍ତ୍ତମାନ ସମୟରେ ଏଭଳି ଅସଲି ନକଲି ଚିହ୍ନଟ କରିବା ବର୍ତ୍ତମାନ ଗୋଟେ ବଡ଼ ସମସ୍ୟା ବୋଲି ଆଇଟି ଏକ୍ସପର୍ଟ କହିଛନ୍ତି ।

# ପଥର, କାଠ ଓ ଚକ୍‌ରେ ରାମଙ୍କ ପ୍ରତିମୂର୍ତ୍ତି ବନାଇଲେ ଦୁଇ ଶିଳ୍ପୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଅଯୋଧାରେ ଶ୍ରୀରାମଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଇଁ ଉତ୍କଣ୍ଠା ଲାଗି ରହିଛି । ଏହା ପୂର୍ବରୁ ବ୍ରହ୍ମପୁରର ୨ ଜଣ ଶିଳ୍ପୀ ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କ ନିଆରା କଳାକୃତି କରି ଚର୍ଚ୍ଚାକୁ ଆସିଛନ୍ତି । ବାଲୁକାଶିଳ୍ପୀ ସତ୍ୟନାରାୟଣ ପଥର, କାଠ ଓ ଚକ୍‌ରେ ରାମଙ୍କ ପ୍ରତିମୂର୍ତ୍ତି ଏବଂ ମନ୍ଦିର ନିର୍ମାଣ କରିଥିବା ବେଳେ କାଠଶିଳ୍ପୀ ଦିଲ୍ଲୀପ ମହାରଣା କାଠପଟ୍ଟାରେ ଚାରିଧାମ ନିର୍ମାଣ କରିଛନ୍ତି । ସତ୍ୟ କାଠରେ ନିର୍ମାଣ କରିଥିବା ମନ୍ଦିରର ଉଚ୍ଚତା ୨ ସେମି ଏବଂ ଓସାର ୧ ସେମି ରହିଛି । ଅନ୍ୟ ଏକ ମନ୍ଦିରର ଉଚ୍ଚତା ୪.୫ ସେ.ମି ଓ ଓସାର ୯ ମିମି ରହିଛି । ସେହିପରି ରାମଲାଲାଙ୍କ ମୂର୍ତ୍ତିର ଉଚ୍ଚତା ୪ ସେମି ଓ ଓସାର ୧.୮ ସେ.ମି ରହିଛି । ସତ୍ୟ ଚକ୍ ଖଡ଼ିରେ ମଧ ରାମ ମନ୍ଦିର ଓ ରାମଙ୍କ ମୂର୍ତ୍ତି ମଧ ନିର୍ମାଣ କରିଛନ୍ତି । ଉକ୍ତ ମନ୍ଦିରର ଉଚ୍ଚତା ୧.୮ ସେମି ଓ ଓସାର ୭ ମିମି ରହିଛି । ରାମଙ୍କ ପ୍ରତିମୂର୍ତ୍ତିର ଉଚ୍ଚା ୨.୭ ସେମି ଓ ଓସାର ୭ ମିମି ରହିଛି । ସେହିପରି ତାଙ୍କ ଦ୍ୱାରା ପଥରରେ ନିର୍ମାଣ କରାଯାଇଥିବା ମନ୍ଦିର ଉଚ୍ଚତା ୨.୮ ସେମି ଏବଂ ଓସାର ୧.୫ ସେମି ରହିଛି । ଏହି କ୍ଷୁଦ୍ରତମ ପ୍ରତିକୃତି ନିର୍ମାଣ କରିବାକୁ ୨ ଦିନ ସମୟ ଲାଗିଥିବା ସତ୍ୟ କହିଛନ୍ତି । ଏହା ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ପ୍ରତିମୂର୍ତ୍ତି ବୋଲି ସେ ଦୃଢ଼ୋକ୍ତି କରିଛନ୍ତି । ଅନ୍ୟପକ୍ଷରେ କ୍ଷୁଦ୍ର କାଠଶିଳ୍ପୀ ଦିଲ୍ଲୀପଙ୍କ କାଠରେ ନିର୍ମିତ ୧୪ ଇଞ୍ଚ ଉଚ୍ଚତା ଓ ୧୧ ଇଞ୍ଚ ଓସାର ବିଶିଷ୍ଟ କଳାକୃତିରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ସମେତ ୪ କୋଣରେ ଚାରି ଧାମର ଆକୃତି ରହିଛି । ଦିଲ୍ଲୀପ ନିର୍ମାଣ କରିଥିବା ରାମମୂର୍ତ୍ତିର ଉଚ୍ଚତା ୨.୬ ଇଞ୍ଚ, ଓସାର ୦.୭୫ ଇଞ୍ଚ, ସୀତାଙ୍କ ମୂର୍ତ୍ତିର ଉଚ୍ଚତା ୨.୫ ଇଞ୍ଚ, ଓସାର ୦.୭୫ ଇଞ୍ଚ ଏବଂ ହନୁମାନ ମୂର୍ତ୍ତିର ଉଚ୍ଚତା ୧.୫ ଇଞ୍ଚ ଓ ଓସାର ୦.୭୫ ଇଞ୍ଚ ରହିଛି । ସେହିପରି ଚାରିଧାମ ମଧ୍ୟରୁ ପୁରୀ ଧାମର ଉଚ୍ଚତା ୨ ଇଞ୍ଚ, ଦ୍ୱାରିକା ଧାମର ଉଚ୍ଚତା ୨.୨୫ ଇଞ୍ଚ ଓ ରାମେଶ୍ୱର ଧାମର ଉଚ୍ଚତା ୨ ଇଞ୍ଚ ଏବଂ ଶିବ ଲିଙ୍ଗର ଉଚ୍ଚତା ୧ ସେ.ମି ରହିଛି ।



## ଢଳାଇ ପାଇପ୍‌ରେ ଚାପି ହୋଇ ଶ୍ରମିକ ମୃତ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳୀ ସ୍ଥିତ ୱାଟକୋ ଅଧିନ ନିର୍ମାଣଧୀନ ଜଳ ଯୋଗାଣ ପ୍ରକଳ୍ପରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏହି ପ୍ରକଳ୍ପରେ ନିର୍ମାଣ କାର୍ଯ୍ୟ ପାଇଁ ଗାଡ଼ିଯୋଗେ ଆସୁଥିବା କଂକ୍ରିଟ ଢ଼ଳେଇକୁ ପାଇପ୍ ସାହାଯ୍ୟରେ ସ୍ଥାନାନ୍ତର କରୁଥିବା ସମୟରେ ଉକ୍ତ ପାଇପ୍ ଛିଟିକି ପଡ଼ି ଶ୍ରମିକଙ୍କ ଛାତିରେ ଗଭୀର ଆଘାତ ଲାଗିଥିଲା । ସଙ୍ଗେ ସଙ୍ଗେ ଉକ୍ତ ଶ୍ରମିକଙ୍କୁ ନିକଟସ୍ଥ ମୁଣ୍ଡଳୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଗୁରୁତର ହେବାରୁ କଟକର ଅଶ୍ୱିନୀ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ମାତ୍ର ୩୦ ମିନିଟ୍ ପରେ ଉକ୍ତ ଶ୍ରମିକ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ । ଉକ୍ତ ଶ୍ରମିକଙ୍କ ନାମ ବିକ୍ରମ ରାଉତ (୨୯) ଘର ଆଠଗଡ଼ ଅଞ୍ଚଳରେ । ଅପରପକ୍ଷରେ ଉକ୍ତ ଢ଼ଳେଇ ଯାଉଥିବା ପାଇପ୍‌କୁ ୪ଜଣ ଧରିବା କଥା ମାତ୍ର ଜଣେ ଶ୍ରମିକ କିଭଳି ଏହାକୁ ଧରିଥିଲେ ବୋଲି ଚର୍ଚ୍ଚା ହେଉଛି । ଏଥିରୁ ଜଣାପଡୁଛି କିଭଳି ଭାବରେ ଖାମଖିଆଲି ଢଙ୍ଗରେ କାର୍ଯ୍ୟ ହେଉଛି ।

## ଖୃଣ୍ଡା ଉଚ୍ଚ ବିଦ୍ୟାଳୟରେ ସୃଜନଶୀଳତାର ଉତ୍ସବ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**



ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରାକ୍ ଲଗ୍ନରେ ଛାତ୍ରଛାତ୍ରୀଙ୍କୁ ଭାଷା ସାହିତ୍ୟ ସୃଜନ ମନସ୍କ କରିବା ପାଇଁ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଖୃଣ୍ଡା ଠାରେ ଅନୁଷ୍ଠିତ ହୋଇଛି ବିଦ୍ୟାଳୟ ସ୍ତରୀୟ ଉତ୍ସବ । ବିଦ୍ୟାଦାତ୍ରୀ ସରସ୍ୱତୀ, ବୀର ସୁରେନ୍ଦ୍ର ସାଏ, ସ୍ୱଭାବ କବି ଗଙ୍ଗାଧର ମେହେର, ସନ୍ଥକବି ଭୀମ ଭୋଇ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଚିତ୍ରପଟରେ ମାଲ୍ୟାର୍ପଣ ଓ ସରସ୍ୱତୀ ବନ୍ଦନା ସହ ଆରମ୍ଭ ହୋଇଥିଲା ଉତ୍ସବ । ପିଲାଙ୍କ ସର୍ଜନଶୀଳତାକୁ ମୋ କଥା, ମୋ କାହାଣୀ, ମୋ ସ୍କୁଲ ମୋ ଜୀବନ, ଆମ ନୂଆଁଖାଇ ଆମ ସଂସ୍କୃତି ଆଦି ବିଭାଗରେ ପ୍ରଦର୍ଶନ କରାଯାଇଥିଲା ବେଳେ ଜିଜ୍ଞାସାକୁ 'ଖୃଣ୍ଡା ପରିବେଶ ପରିଶୀଳନ' ବିଭାଗରେ ପ୍ରଦର୍ଶନ କରାଯାଇଥିଲା । ପିଲାଙ୍କ ଭିତରେ ଆୟୋଜିତ ହୋଇଥିଲା କବିତା ଆବୃତ୍ତି, ଗଳ୍ପ ପଠନ ପ୍ରତିଯୋଗିତା । ଅପରାହ୍ନରେ ପ୍ରଧାନ ଶିକ୍ଷକ ଡ଼. ଗୌରିଦାସ ପଧାନଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଅବସରପ୍ରାପ୍ତ ଅଧକ୍ଷ କୃପାଶଙ୍କର ନାଥ ଜମନକିରା ମହାବିଦ୍ୟାଳୟ ମୁଖ୍ୟଅତିଥି, ଆଦର୍ଶ ଶିକ୍ଷକ ପଦ୍ମନାଭ ନାଏକ, ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ ଶାସନ ଉଚ୍ଚ ବିଦ୍ୟାଳୟ, ପୂର୍ବତନ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷକ ସନତ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ପରିଚାଳନା କମିଟିର କୃପାସିନ୍ଧୁ ବୁଧିଆ, ୟୁ.ପି. ସ୍କୁଲ ପ୍ରଧାନ ଶିକ୍ଷକ ରାତୁରାମ ମାଝି, ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘର ମୁଖ୍ୟ ବାବୁଲୁ ଆଦି ଯୋଗଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଗଣ ଆବୃତ୍ତିରେ କବି ରାଧାମୋହନ ଗଡ଼ନାୟକଙ୍କ କବିତା 'ମାଟିର ମଣିଷ' ଛାତ୍ର ଶିକ୍ଷକ ପରିବେଷଣ କରିଥିବା ବେଳେ ଗଂଗାଧରୀୟ ସଂଗୀତ 'ବିଶ୍ୱ ଦେଖ ମଧୁମୟରେ ଜୀବନ' ଗାନ ପୂର୍ବକ ସଭା ସାଙ୍ଗ ହୋଇଥିଲା ।

## ଟ୍ରକ୍ ଡ୍ରାଇଭରଙ୍କ ସନ୍ଦେହ ଜନକ ମୃତ୍ୟୁ

**ସାଲେପୁର, ନ୍ୟୁଜ୍**

ବିଳମ୍ବିତ ରାତ୍ରିରେ ସାଲେପୁର ବ୍ଲକ ଅନ୍ତର୍ଗତ ହରିଚନ୍ଦନପୁର ଚିତ୍ରୋତ୍ପଳା ବ୍ରିଜ୍ ଉପରେ ତିଗିରିଆ ଅଞ୍ଚଳର ସୁଧୀର ପରିଡ଼ାଙ୍କ ମୃତ୍ୟୁ ହୋଇଛି । ସେ ଦୀର୍ଘଦିନ ହେବ ସାଲେପୁର ଲୁଣହାରା ଗ୍ରାମରେ ନିଜ ପରିବାର ସହ ରହିଆସୁଥିଲେ । ସୁଧୀର ନିଜେ ଚଲାଉଥିବା ଟ୍ରକ୍‌ର ବାମ ପାର୍ଶ୍ୱ ପଛ ଚକା ତଳେ ଚାପି ହୋଇ ମୃତ୍ୟୁବରଣ କରିଥିବା ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ପରିବାରର ଲୋକେ ସୁଧୀରଙ୍କର ଏଭଳି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ସୁଧିର ନିଜେ ଟ୍ରକ୍ ଚଳାଉଥିବା ବେଳେ ଟ୍ରକର ବାମ ପାର୍ଶ୍ୱରେ ପଛ ଚକା କିପରି ତାଙ୍କ ମୁଣ୍ଡ ଉପରେ ଚଢ଼ିଲା ତାହା ସନ୍ଦେହ ସୃଷ୍ଟି କରିଛି । କେହି ସୁଧିରକୁ ଯୋରଜବରଦସ୍ତ ଗାଡ଼ିରୁ ବାହାର କରି ଉକ୍ତ ଟ୍ରକ୍ ତାଙ୍କର ମୁଣ୍ଡ ଉପରେ ଚଢାଇ ତାକୁ ହତ୍ୟା କରି ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରାଯାଉଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଘଟଣା ସ୍ଥଳରେ କିଶନନଗର ପୁଲିସ ଓ ସାଲେପୁର ପୋଲିସ ପହଞ୍ଚିଥିଲା । ପୋଲିସ ଶବ ଓ ଟ୍ରକ୍ ଜବତ କରି ଘଟଣାର ତଦନ୍ତ କରୁଛି ।

## ସମୂହ ଛୁଟିରେ ଗଲେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରାଣୀ ଚିକିତ୍ସକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଦୀର୍ଘବର୍ଷ ଧରି ବିନା ପଦୋନ୍ନତିରେ ପ୍ରାଣୀ ସେବା ଜାରି ରଖିବା ସତ୍ତ୍ୱେ ରାଜ୍ୟ ସରକାର ପ୍ରାଣୀ ଚିକିତ୍ସକ ମାନଙ୍କ ଅନେକ ଦିନର ଦାବି ଗୁଡ଼ିକୁ କ୍ରମାଗତ ଭାବେ ଅଣଦେଖା କରି ଚାଲିଛନ୍ତି । ଦାବି ପୂରଣରେ ଅହେତୁକ ବିଳମ୍ବ ହେବାରୁ ରାଜ୍ୟ ପ୍ରାଣୀ ଚିକିତ୍ସା ସେବା ସଂଘର ଆହ୍ୱାନ କ୍ରମେ କେନ୍ଦ୍ରାପଡାର ସମସ୍ତ ପ୍ରାଣୀ ଚିକିତ୍ସକମାନେ ଗତ ୧୮ ତାରିଖରୁ ସମୂହ ଛୁଟି ଘୋଷଣା କରିଛନ୍ତି । ସଂଘର ଦାବି ଗୁଡ଼ିକ ମଧ୍ୟରେ ପ୍ରାଣୀ ଚିକିତ୍ସା ସେବା କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଯଥା ୨୪ ଘଣ୍ଟା ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥା, ବିଶେଷଜ୍ଞ ସେବା, ରାଜ୍ୟରେ ପ୍ରାଣୀଗଣନା ଓ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି, ପ୍ରାଣୀ ଚିକିତ୍ସକ ମାନଙ୍କ କ୍ୟାଡର ପୁନଃ ଗଠନ ଏବଂ କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ସହ ସମାନ ପଦୋନ୍ନତି ସହ ଏନ୍‌ପିଏ ବ୍ୟବସ୍ଥା ଆଦି ରହିଛି । ଦୀର୍ଘ ୭୨ ଘଣ୍ଟା ଧରି ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟିରେ ଯାଇଥିଲେ ମଧ ଏପର୍ଯ୍ୟନ୍ତ ସରକାରଙ୍କ ତରଫରୁ ଆଲୋଚନା କରିବା ନିମନ୍ତେ ପ୍ରସ୍ତାବ ରଖାଯାଇନାହିଁ । ଅପରପକ୍ଷରେ ପ୍ରାଣୀ ଚିକିତ୍ସା ଚାଲୁ ରଖିବା ପାଇଁ ସରକାର ପ୍ରାଣୀଧନ ନିରୀକ୍ଷକ ମାନଙ୍କୁ ଚିଠି ଜାରି କରିଥିବାରୁ ପ୍ରାଣୀ ଚିକିତ୍ସକ ତଥା ପ୍ରାଣୀ ପାଳକ ମହଲରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି । ସରକାରଙ୍କ ଏକାଦୃଶ୍ୟ ଦାୟିତ୍ୱହିନତା ଯୋଗୁଁ ଆଗାମୀ ଦିନରେ ଯଦି କେନ୍ଦ୍ରାପଡା ଜିଲ୍ଲାର ଗୃହପାଳିତ ପ୍ରାଣୀ ଏବଂ ବୁଲା ପ୍ରାଣୀ ମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କୌଣସି ଜଟିଳ ସମସ୍ୟା ଉପୁଜେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି କେନ୍ଦ୍ରାପଡା ଜିଲ୍ଲା ପ୍ରାଣୀ ଚିକିତ୍ସା ସେବା ସଂଘ ତରଫରୁ ଚେତାବନୀ ଦିଆଯାଇଛି ।

## ସାଲେପୁରରେ କଟକ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ




**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ସାଲେପୁର ସ୍ଥିତ ସତ୍ୟଲକ୍ଷ୍ମୀ ମଣ୍ଡପରେ ଷ୍ଟେଟ୍ ୟୁନିନ୍ ଅଫ୍ ଜର୍ଣ୍ଣାଲିଷ୍ଟ ଏସୟୁଜେ ଅନୁବନ୍ଧିତ କଟକ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ କହିଲେ ଯେ, ସାମ୍ବାଦିକମାନେ ସର୍ବଦା ଉତ୍ସର୍ଗୀକୃତ ଭାବେ ଜନସାଧାରଣଙ୍କ ସମସ୍ୟାକୁ ଲୋକ ଲୋଚନକୁ ଆଣିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରଥାନ୍ତି । ସାମ୍ବାଦିକ ମାନଙ୍କର ସମସ୍ୟାର ସମାଧାନ ଦିଗରେ ଦାବି ଉପସ୍ଥାପନ କରାଯିବ ବୋଲି ଶ୍ରୀ ବେହେରା କହିଥିଲେ । ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ତହସିଲଦାର ଶିବ ମଲ୍ଲିକ ଯୋଗ ଦେଇଥିଲେ । ବିଶିଷ୍ଟ ଅତିଥି ଏସୟୁଜେ ସଭାପତି କୈଳାଶ ଚନ୍ଦ୍ର ନାୟକ ଉଦ୍‌ବୋଧନ ଦେଇ ରାଜ୍ୟରେ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟ ଉପଦେଷ୍ଟା ଅକ୍ଷୟ କୁମାର ଦାଶ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, କାର୍ଯ୍ୟକର୍ତ୍ତା ଶଶୀଭୂଷଣ ଷଡ଼ଙ୍ଗୀ, ଅଭୟ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ଶିଶିର କୁମାର ଦାଶ, ରତ୍ନାକର ବାରିକ, ମୀନକେତନ ଦାସ, ସରୋଜ ଦାସ, ଅକ୍ଷୟ ଦାଶ, ସୁଜାତା ଗୋସ୍ୱାମୀ, ନିବେଦିତା ସିଂହ, ଜ୍ୟୋଛନା ରାଣୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ସାମ୍ବାଦିକ ଯୋଗଦେଇଥିଲେ । ଶୁଭେନ୍ଦୁ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ପୂର୍ବତନ ବିଧାୟକ ଜୟନାରାୟଣଙ୍କ ମର ଶରୀର ପ୍ରତି ବିଜେପିର ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର, ନ୍ୟୁଜ୍**

ବହୁବିଧ ଶାରୀରିକ ଜଟିଳତାର ଶିକାର ହୋଇ ଦୀର୍ଘ ସମୟରୁ ଚିକିତ୍ସିତ ହେଉଥିବା ପୂର୍ବତନ ବିଧାୟକ ବରିଷ୍ଠ ବିଜେପି ନେତା ଜୟନାରାୟଣ ମହାନ୍ତି ଭୁବନେଶ୍ୱର ସ୍ଥିତ ଏମ୍ସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ଦେହାନ୍ତ ଖବର ପାଇବା ପରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମନରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ମହାନ୍ତିଙ୍କ ପ୍ରାର୍ଥୀବ ଶରୀରକୁ ଭୁବନେଶ୍ୱରରୁ ପୈତୃକ ଗ୍ରାମ ନେବା ସମୟରେ ଜିଲ୍ଲା ବିଜେପିର କାର୍ଯ୍ୟକର୍ତ୍ତା ମାନେ ଫକୀର ମୋହନ ଗୋଲେଇ ଠାରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଶୁଭଙ୍କର ମହାପାତ୍ର, ଶ୍ରୀନିବାସ ପ୍ରଧାନ, ମମତା ମହାପାତ୍ର, ଗୌରାଙ୍ଗ ଦାସ, ସୁଶାନ୍ତ ପଟ୍ଟନାୟକ, ବିଜୟ ସେଠୀ, ବିଜୟ ପାଣିଗ୍ରାହୀ, ସତ୍ୟଜିତ ମିଶ୍ର, ଅନୀଲ ମହାନ୍ତି ଇତ୍ୟାଦି ତାଙ୍କ ପାର୍ଥିବ ଶରୀରକୁ ବିଜେପି ପତାକାରେ ଆଚ୍ଛାଦିତ କରି ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଓଡ଼ିଶାରୁ ଚାଲାଣ ଗଞ୍ଜେଇ ଛତିଶଗଡ଼ରେ ଧରାପଡ଼ିଲା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରୁ ଚାଲାଣ ହେଉଥିବା ଗଞ୍ଜେଇ ଛତିଶଗଡ଼ରେ ଧରାପଡ଼ିଛି । ଗଞ୍ଜାମ ଜିଲ୍ଲାର ଦୁଇଟି ଟ୍ରକ୍‌କୁ ଚିଚୋଲା ଜିଲ୍ଲାର ରାଜନନ୍ଦ ଗାଁ ପୋଲିସ ଗଞ୍ଜେଇ ସହ ଧରିଛି । ଏହି ମାମଲାରେ କନ୍ଧମାଳ ଜିଲ୍ଲାର ରଞ୍ଜନ ବେହେରା, ସୁବାଷ ଛତ୍ର, ଅଶୋକ ବେହେରା ଓ ରଘୁନାଥ କହଁର ଦୁଇଟି ଟ୍ରକ୍‌ରେ ଛତ୍ରପୁରରୁ କଳାବାଲି ଗୁଜୁରାଟ ଚାଲାଣ କରୁଥିଲେ । ଗତ ୧୫ ତାରିଖରେ ଛତିଶଗଡ଼ ପୋଲିସ ନାକାବନ୍ଦୀ କରି ଏହି ଟ୍ରକ୍‌କୁ ଯାଞ୍ଚ୍ କରିଥିଲା । ଦୁଇଟି ଟ୍ରକ୍‌ରୁ ୩୦ କିଲୋ ଗଞ୍ଜେଇ ଜବତ ହୋଇଥିବା ବେଳେ ଏହି ମାମଲାରେ ଛତିଶଗଡ଼ ପୋଲିସ ଉପରୋକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜବତ ଦୁଇଟି ଟ୍ରକ୍ ଛତ୍ରପୁର ଆଇଆର୍‌ଇରୁ କଳାବାଲି ଲୋଡ଼ିଂ କରି ଗୁଜୁରାଟ ଯାଉଥିଲେ । ପୋଲିସ ସୂଚନା ପ୍ରକାରେ ଗତ ୧୫ ତାରିଖରେ ଦୁଇଟି ଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଛତିଶଗଡ଼ ଚିଚୋଲା ଥାନା ପୋଲିସ ସୂଚନା ପାଇଥିଲା । ପାଟକୋହରା ଠାରେ ପୋଲିସ ନାକାବନ୍ଦୀ କରି ଗାଡ଼ି ଯାଞ୍ଚ୍ କରିଥିଲା । କଳାବାଲି ବୋଝେଇ ଉପରୋକ୍ତ ଦୁଇ ଟ୍ରକ୍‌ରୁ ୩୦ କିଲୋ ଗଞ୍ଜେଇ ମିଳିଥିଲା । ଚିଚୋଲା ପୋଲିସ ଗଞ୍ଜେଇ ଓ ଟ୍ରକ୍ ଜବତ କରିବା ସହ ୪ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି । ଏହି ଦୁଇଟି ଟ୍ରକ୍ ଧରାପଡ଼ିବା ପରେ ସମସ୍ତ ଟ୍ରକ୍ ଉପରେ ପଡ଼ୋଶୀ ରାଜ୍ୟ ପୋଲିସର ନଜର ରହିଛି ।

## ଶହୀଦ ଦିବସ ପାଳନ ନେଇ ତତ୍ପରତା ପ୍ରକାଶ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**



କଟକ ତେଲେଙ୍ଗାପେଣ୍ଠ ସ୍ଥିତ ଗାନ୍ଧୀ ସ୍ମୃତି ପୀଠ ପରିସରରେ ଆସନ୍ତା ୩୦ ତାରିଖରେ ଗାନ୍ଧିଜୀଙ୍କ ତିରୋଧାନ ଦିବସ ଅବସରରେ ଶହୀଦ ଦିବସ ପାଳନ କରାଯିବ । ଏହି ଅବସରରେ ସେଠାରେ ତିନିଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସ୍ମୃତି ପୀଠ ପରିସରରେ ଗାନ୍ଧୀ ସ୍ମୃତି ପଲ୍ଲିଶ୍ରୀ ମେଳା ମଧ ଆୟୋଜନ କରାଯିବ । ଏହି ମେଳାରେ ବିଭିନ୍ନ ସରକାରୀ ଅନୁଷ୍ଠାନ ପକ୍ଷରୁ ସୂଚନା ଶିକ୍ଷା ଓ ଯୋଗାଯୋଗ ଷ୍ଟଲ୍ ଓ ମିଶନ୍ ଶକ୍ତି ପକ୍ଷରୁ ଷ୍ଟଲ୍‌ମାନ ଖୋଲାଯିବ । ଶୁକ୍ରବାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ନରହରି ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି । କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପାଳନ କରିବା ନିମନ୍ତେ ଏଥିସହ ସମ୍ପୃକ୍ତ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବାକୁ ସମସ୍ତ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ବୈଠକରେ ଯୋଗଦେଇ ଗାନ୍ଧୀ ସ୍ମୃତି ପୀଠ ପରିସରର ସୌନ୍ଦର୍ଯ୍ୟକରଣ ତଥା ଶହୀଦ ଦିବସ ପାଳନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ମୃତି ପୀଠ ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶ୍ରୀ ବେହେରା ସୂଚନା ଦେଇଥିଲେ । ବୈଠକରେ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କଟକ ମହାନଗର ନିଗମର ଅତିରିକ୍ତ କମିଶନର ସୋନା ଟୁଡୁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ତଥା ବିଭିନ୍ନ ବିଭାଗର ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଗମାନନ୍ଦ ଆଶ୍ରମକୁ ନେଇ ବିବାଦ ବଢ଼ିଲା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜାରକା ସ୍ଥିତ ଜୟଗୁରୁ ଆଶ୍ରମକୁ ନେଇ ବିବାଦ ଥମିବାର ନା ଧରୁନାହିଁ । ନୀଳାଚଳ ସାରସ୍ୱତ ସଂଘ ପୁରୀ ଅଧୀନରେ ଥିବା ଏହି ଆଶ୍ରମରେ କୋର୍ଟ ରାୟ ପରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ବଢ଼ିବା ଆରମ୍ଭ କରିଛି । ୮ ମାସ ତଳେ ଆଶ୍ରମର ଗୋଟିଏ ଗୋଷ୍ଠୀ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଫଳରେ ସବୁର ଅବସାନ ଘଟିଲା ବୋଲି ଦାବି ହୋଇଥିଲା । ସେମାନେ ଅବାଧରେ ଆଶ୍ରମରେ ପ୍ରବେଶ କରି ପୂଜାପାଠ କରିଥିଲେ । କିନ୍ତୁ ଅନ୍ୟ ଗୋଷ୍ଠୀ ପକ୍ଷରୁ ସୁଧୀର କୁମାର ଲେଙ୍କା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଡବ୍ଲ୍ୟୁ.ପି (ସି) ୪୦୨୩୨/୨୩ରେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ ସିଭିଲ କୋର୍ଟର ଆଦେଶନାମା ବଳରେ ସେମାନେ ଆଶ୍ରମ ମଧ୍ୟରେ କାର୍ଯ୍ୟ କରିପାରିବେ । ଆବେଦନକାରୀ ସୁଧୀର କୁମାର ଲେଙ୍କା ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ଯେ ପ୍ରକୃତ ସିଭିଲ କୋର୍ଟର ପ୍ରକୃତ ଆଦେଶ ନାମାବଳରେ ସେମାନେ ଆଶ୍ରମରେ ପ୍ରବେଶ କରିପାରିବେ । ପ୍ରତିପକ୍ଷଙ୍କ ଦ୍ୱାରା ସଂଘଗୁଡ଼ିକୁ ଅକ୍ତିଆର କରିବାର ଅନ୍ତ ଘଟିଛି । ଧର୍ମଶାଳା ପ୍ରେସ୍‌କ୍ଲବ୍ ପରିସରରେ ଆହୁତ ଏହି ସାମ୍ବାଦିକ ସମ୍ମିଳନୀରେ ସୁଧୀର କୁମାର ଲେଙ୍କା, ନିମାଇଁ କର, ବିଷ୍ଣୁଚରଣ ନାୟକ, ରଘୁନାଥ ପାତ୍ର, କାର୍ତ୍ତିକଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବଟେଶ୍ୱର ବେଳାଭୂମିରେ ଯୁବତୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଥାନା ଇଲାକା ପ୍ରସିଦ୍ଧ ବଟେଶ୍ୱର ବେଳାଭୂମିରେ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । ହେଲେ ଦୁର୍ବୃତ୍ତମାନେ ବେଳାଭୂମିକୁ ଆସୁଥିବା ଯୁବତୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଉଛି । ଜୈନେକ ଯୁବତୀ ନିଜ ସାନ ଭାଇଙ୍କ ସହ ବେଳାଭୂମିକୁ ବୁଲିବା ପାଇଁ ଯାଇଥିବା ବେଳେ ପରିଶ୍ରା କରିବା ପାଇଁ ନିକଟସ୍ଥ ଝାଉଁ ଜଙ୍ଗଲକୁ ଯାଇଥିଲେ । ସେହି ସମୟରେ ଦୁଇଜଣ ଦୁର୍ବୃତ୍ତ ପିଛା କରି ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ଫଳରେ ଯୁବତୀ ଜଣଙ୍କ ଦୌଡ଼ି ବେଳାଭୂମିକୁ ଚାଲିଆସିଥିଲେ । ଯୁବତୀଙ୍କ ଭାଇ ପ୍ରତିବାଦ କରିବାରୁ ତାଙ୍କୁ ଧମକ ଦେଇଥିଲେ । ଏନେଇ ସଙ୍ଗେ ସଙ୍ଗେ ଯୁବତୀ ଜଣଙ୍କ ଫୋନ୍ ଦ୍ୱାରା ନିଜ ବନ୍ଧୁମାନଙ୍କୁ ଜଣାଇଥିଲେ । ଖବରପାଇ ବନ୍ଧୁଙ୍କ ସାଙ୍ଗମାନେ ପହଞ୍ଚି ସେମାନଙ୍କୁ ଉତ୍ତମ ମଧ୍ୟମ ଦେଇଥିଲେ । ପର୍ଯ୍ୟଟକେ ମାନଙ୍କୁ ଦୁର୍ବୃତ୍ତଙ୍କ ଦାଉରୁ ସୁରକ୍ଷା ଦେବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ରମ୍ଭା ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଦିନ ସ୍ଥାନୀୟ ଶ୍ରୀ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ନୁଆଁ ଓ ପ୍ରାୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅଧକ୍ଷ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ଅଧକ୍ଷ ଶ୍ରୀ ସାହୁ ଅଭିଭାଷଣ ମାଧ୍ୟମରେ ଭାଷା ସାହିତ୍ୟର ମର୍ଯ୍ୟାଦା ଗୁରୁତ୍ୱ ପ୍ରତିପାଦନ ପୂର୍ବକ ପ୍ରେରଣାଦାୟୀ ବକ୍ତବ୍ୟ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅର୍ଥନୀତି ଅଧାପକ ବିପିନ କୁମାର ଦାଶ, ନୋଡାଲ ଅଫିସର ଇତିହାସ ଅଧାପକ ହେମନ୍ତ କୁମାର ଦାଶ, ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଡ଼. ଭାସ୍କର ଚନ୍ଦ୍ର ମୁଦୁଲି ପ୍ରମୁଖ ନୁଆଁ ଓ କାର୍ଯ୍ୟକ୍ରମ ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ତଥା ଯୁବ ପ୍ରତିଭାର ବିକାଶରେ ବିଭିନ୍ନ ସାହିତ୍ୟ ପ୍ରତିଯୋଗିତା, ଉପଯୋଗୀତା ଉପସ୍ଥାପନା କରି ଛାତ୍ର ଛାତ୍ରୀମାନଙ୍କୁ ବହୁ ପ୍ରେରଣା ପ୍ରଦାନ କରିଥିଲେ । ଛାତ୍ରୀ ସରସ୍ୱତୀ ତରେଇ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସ୍ୱାଗତ ଭାଷଣ ଓଡ଼ିଆ ଅଧାପକ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଅଧାପିକା ଡ଼. ସାଗରୀକା ମହାପାତ୍ର ପରିଚାଳନା କରିଥିବା ବେଳେ ଇଂରାଜୀ ଅଧାପକ ବ୍ରଜମୋହନ ପଣ୍ଡା, ଅଧାପକ ରଞ୍ଜିତ କୁମାର ପାଣିଗ୍ରାହୀ, ଅଧାପକ ନିରଞ୍ଜନ ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ଗଣେଷ ବେହେରା, ଯୋଗୀନ୍ଦ୍ର ସାହୁ, ଅଧାପିକା ଟି. ଅଲିଶ୍ରୀ ଆଚାରୀ, ଗୌରୀ ବଳବନ୍ତରାୟ, ଟି. ସ୍ୱାତି ଦେବୀ, ଗାନ୍ଧୀ ନାହାକ, ଲକ୍ଷ୍ମଣ ଜେନା, ନର୍ମଦା ପଣ୍ଡା ପ୍ରମୁଖ ସଞ୍ଚାଳନରେ ସହଯୋଗ କରିଥିଲେ । ଉପରୋକ୍ତ କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ମହାବିଦ୍ୟାଳୟରେ ବିଭିନ୍ନ ବିଭାଗର ଭିନ୍ନ ଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ ବୋଲି କଲେଜ ପକ୍ଷରୁ ଜଣାଇଦିଆଯାଇଛି ।

## ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

**ପୁରୀ, ନ୍ୟୁଜ୍ ବ୍ୟୁରୋ**



ପ୍ରତି ପିଲା ମଧ୍ୟରେ ଈଶ୍ୱର ବିବିଧ ପ୍ରତିଭା ଭରି ଦେଇଛନ୍ତି । ତାହାର ଉନ୍ମେଷ ଘଟିଲେ ସମାଜ ବିକଶିତ ହେବା ସହ ରାଜ୍ୟ ପାଇଁ ସମ୍ବଳ ସୃଷ୍ଟି ହୋଇପାରିବ ବୋଲି କହିଛନ୍ତି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ । ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ସମ୍ପର୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସେଠୀ ସରକାରଙ୍କର ଏହି ବ୍ୟବସ୍ଥା ଦ୍ୱାରା ଆମ ମାତୃଭାଷାର ଉନ୍ନତି, ଆମ ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ଆମ ପୂର୍ବସୁରୀଙ୍କ ଉପାଦେୟ ରଚନା ଗୁଡ଼ିକ ପ୍ରତି ଆକର୍ଷଣ ବଢ଼ିବା ସହ ଏହାର ପ୍ରଚାର ପ୍ରସାର ଓ ସଂରକ୍ଷଣ ସହଜ ହୋଇପାରିବ ବୋଲି ଆଶା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଚରିତା ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟୁନା ମଲ୍ଲିକ, ବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ସଭାପତି ସୁକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ପିଲାଙ୍କୁ ଶୃଙ୍ଖଳିତ ଓ ଉନ୍ନତ ଚରିତ୍ର ଗଠନରେ ଏହି ସୃଜନଶୀଳତା ପରିପ୍ରକାଶରେ ସହାୟକ ହେବ ବୋଲି କହିଥିଲେ । ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ୧୦ମ ଶ୍ରେଣୀ ଛାତ୍ରୀ ପୂର୍ଣ୍ଣିମା ବେଜଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇଅର, ଗୌରୀ ଶଙ୍କର ଚଇନୀଙ୍କୁ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ଓ ବରିଷ୍ଠ ଶିକ୍ଷକ ସୋମନାଥ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ବରିଷ୍ଠ ଶିକ୍ଷକ ଗୌରୀଶଙ୍କର ଚଇନି ସମସ୍ତଙ୍କୁ ସ୍ୱାଗତ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନେ କ୍ଲବ କାର୍ଯ୍ୟକ୍ରମର ପଦକ୍ଷେପକୁ ପରିଦର୍ଶନ କରିବା ସହ ୱାଲ ମାଗାଜିନ ଓ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ପ୍ରଦର୍ଶନକୁ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମରେ ପ୍ରଭାତ କୁମାର ଦାଶ, ପ୍ରିୟଦର୍ଶନୀ ସାହୁ ଓ ଅନ୍ୟାନ୍ୟ ଶିକ୍ଷକ, କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ ଆଇଡ଼ଲ ୟୁନିଅନ୍ ସ୍ପୋର୍ଟିଂ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**



ଧାମନଗର ବ୍ଲକ୍ ଅଧୀନ ଦୋବଲ ପଞ୍ଚାୟତ ସୋଧ ଧରମପଡ଼ିଆ ଠାରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ତୃତୀୟ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାପଡ଼ାର ଇଲେଭେନ ଷ୍ଟାର କ୍ରିକେଟ ଟିମ୍‌କୁ ହରାଇ ଯାଜପୁର ଅକରପଡ଼ାର ଆଇଡଲ ୟୁନିଅନ ସ୍ପୋର୍ଟିଂ ବିଜୟ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମା' ସୁବର୍ଣ୍ଣମୁଖୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାପଡ଼ାର ଇଲେଭେନ ଷ୍ଟାର ସହିତ ଅକରପଡ଼ାର ଆଇଡଲ ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଇଡ଼ଲ ୟୁନିଅନ ଟସ୍ ଜିତି ୧୮ ଓଭରରେ ୫ ୱିକେଟ ହରାଇ ୧୯୭ ରନ କରିଥିଲା। ଜବାବରେ ଇଲେଭେନ ଷ୍ଟାର ଟିମ୍ ୧୮ ଓଭରରେ ୮ ୱିକେଟ ହରାଇ ୧୩୪ ରନ କରି ପରାଜିତ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଅକରପଡ଼ା ଟିମ୍‌ର ବିଭୂତି ସ୍ୱାଇଁଙ୍କୁ ସେବା ନିବୃତ୍ତ ଶିକ୍ଷକ ହୃଦାନନ୍ଦ କର ପୁରସ୍କୃତ କରିଥିଲେ। ଅମ୍ପାୟାର ବିବେକାନନ୍ଦ ସାମଲ ଓ ପ୍ରଭାତ ନନ୍ଦ ଖେଳ ପରିଚାଳନା କରିଥିଲେ। ସ୍କୋରର ଥିଲେ ଅଜୟ ସାହୁ ଓ ବିଶ୍ୱଜିତ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ସମୀର ସାହୁ, ବସନ୍ତ ପୃଷ୍ଟି ମଙ୍ଗଳବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ କ୍ରାନ୍ତି କଲଚରାଲ ଧାମନଗର ସହିତ ସାଳନ୍ଦୀ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ।

# ୨୦୨୩ ବର୍ଷର ଶ୍ରେଷ୍ଠ ଟି-୨୦ ଦଳ ଘୋଷଣା କଲା ଆଇସିସି

## ସୂର୍ଯ୍ୟକୁମାରଙ୍କୁ ମିଳିଲା ଅଧିନାୟକତ୍ୱ

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୨୦୨୩ ବର୍ଷର ଶ୍ରେଷ୍ଠ ଟି-୨୦ ଦଳ ଘୋଷଣା କରିଛି। ଆଇସିସି ଭାରତର ସୂର୍ଯ୍ୟକୁମାର ଯାଦବଙ୍କୁ ଏହି ଦଳର ଅଧିନାୟକ କରିଛି। ସୂର୍ଯ୍ୟଙ୍କ ବ୍ୟତୀତ ଭାରତର ଯଶସ୍ୱୀ ଜୟସ୍ୱାଲ, ରବି ବିଷ୍ଣୋଇ ଏବଂ ଅର୍ଶଦୀପ ସିଂ ମଧ୍ୟ ଏହି ଦଳର ଅଂଶ ଅଟନ୍ତି। ଏଥି ସହିତ ପାକିସ୍ତାନର କୌଣସି ଖେଳାଳି ଏହି ଦଳରେ ଅନ୍ତର୍ଭୁକ୍ତ ନୁହଁନ୍ତି।

ଆଇସିସି ଏହି ଦଳରେ ଭାରତର ୪ ଜଣ ଖେଳାଳି, ଜିମ୍ବାବ୍ୱେରୁ ଦୁଇ ଜଣ, ଇଂଲଣ୍ଡର ଜଣେ, ୱେଷ୍ଟଇଣ୍ଡିଜରୁ ଜଣେ, ଆୟର୍ଲାଣ୍ଡର ଜଣେ ଏବଂ ନ୍ୟୁଜିଲ୍ୟାଣ୍ଡର ଜଣେ ଖେଳାଳି ଅଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି ଆଇସିସି ମଧ୍ୟ ୨୦୨୩ ବର୍ଷର ଶ୍ରେଷ୍ଠ ଟି -୨୦



ଦଳରେ ଉଗାଣ୍ଡାରୁ ଜଣେ ଖେଳାଳି ଚୟନ କରିଛି। ଏଥି ସହିତ ଆଇସିସି ପାକିସ୍ତାନର କୌଣସି ଖେଳାଳିଙ୍କୁ ଶ୍ରେଷ୍ଠ ଟି-୨୦ ଦଳରେ ଚୟନ କରି ନାହିଁ।

ଆଇସିସି ୨୦୨୩ର ଶ୍ରେଷ୍ଠ ଟି-୨୦ରେ ଭାରତର ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲ, ବିସ୍ଫୋରକ ବ୍ୟାଟର ସୂର୍ଯ୍ୟକୁମାର ଯାଦବ, ଲେଗ ସ୍ପିନର ରବି ବିଷ୍ଣୋଇ ଏବଂ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କୁ ଚୟନ କରିଛନ୍ତି। ସେହିପରି ଜିମ୍ବାୱେ ଅଧିନାୟକ ସିକନ୍ଦର ରଜା ଏବଂ ଦ୍ରୁତ ବୋଲର ରିଚାର୍ଡ ନାଗରା ମଧ୍ୟ ଏହି ଦଳର ଅଂଶ ଅଟନ୍ତି। ନ୍ୟୁଜିଲାଣ୍ଡର ମାର୍କ ଚାପମାନ ଏବଂ ଆୟର୍ଲାଣ୍ଡର ଅଲରାଉଣ୍ଡର ମାର୍କ ଅଡାୟର ମଧ୍ୟ ଆଇସିସି ଦ୍ୱାରା ବର୍ଷର ଶ୍ରେଷ୍ଠ ଟି-୨୦ ଦଳରେ ମନୋନୀତ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ୨୦୨୪ ରେ ଅନସୋଲ୍ଡ ରହିଥିବା ଇଂଲଣ୍ଡର ଫିଲ ସାଲ୍ଟ ମଧ୍ୟ ଏହି ଦଳର ଏକ ଅଂଶ।

ସୂଚନାଯୋଗ୍ୟ, ପ୍ରତିବର୍ଷ ଆଇସିସି ସମସ୍ତ ତିନୋଟି ଫର୍ମାଟ୍‌ରେ ଶ୍ରେଷ୍ଠ ପୁରୁଷ ଏବଂ ମହିଳା ଦଳ ଚୟନ କରେ। ବିଶ୍ୱର ବିଭିନ୍ନ ସ୍ଥାନରୁ ୧୧ ଜଣ ଖେଳାଳି ଯେଉଁମାନେ ଭଲ ପ୍ରଦର୍ଶନ କରନ୍ତି ଏହି ଦଳରେ ସ୍ଥାନ ପାଆନ୍ତି। ଦଳ ବ୍ୟତୀତ, ଆଇସିସି ମଧ୍ୟ ପ୍ରତ୍ୟେକ ଫର୍ମାଟ୍‌ରେ ଜଣେ ଶ୍ରେଷ୍ଠ ଖେଳାଳି ଚୟନ କରେ।

# ଜିଲ୍ଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ



**ଗୁରୁଡିଝାଟିଆ**

ନାରଙ୍ଗବସ୍ତ ଜ୍ୟୋତିର୍ମୟୀ ୟୁଥକ୍ଲବ ପକ୍ଷରୁ ଜିଲ୍ଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର ୱାରିୟରସ ୨-୧ ସେଟ୍‌ରେ ବିଞ୍ଝାରପୁର-ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିଅନ ହୋଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଟ୍ରଫି ପ୍ରଦାନ କରି ଜ୍ୟୋତିର୍ମୟୀ କ୍ଲବର ନିରବଛିନ୍ନ ଭାବରେ କ୍ରୀଡ଼ାର ବିକାଶ ଦିଗରେ ଭୂମିକାକୁ ପ୍ରଶଂସା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଜେନାପଦା, ବାଙ୍କି, ନାରଙ୍ଗବସ୍ତ, ଭୁବନେଶ୍ୱର ୱାରିଅର, ଭୁବନେଶ୍ୱର-ବିଞ୍ଝାରପୁର, କଟକ, ଥୋରିଆପଡ଼ା ଓ ଦୌଲତାପୁର ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ, ରାଜକିଶୋର ଖଟୁଆ, ପ୍ରଫୁଲ ଚନ୍ଦ୍ର ଖଟୁଆ, ସମୀର ସାମଲ, ସନ୍ତୋଷ କୁମାର ରାଉତ, ଧରିତ୍ରୀଭୁଷଣ ପ୍ରତିହାରୀ, କାର୍ତ୍ତିକ ଚନ୍ଦ୍ର ଖଟୁଆ, ପ୍ରଭାତ ଚନ୍ଦ୍ର ଖଟୁଆ, ଅନନ୍ତପୁର ପଞ୍ଚାୟତ ଶକ୍ତିପ୍ରସାଦ ସାହୁ ଅତିଥି ଭାବରେ ଯୋଗଦେଇଥିଲେ। କ୍ଲବର ସଭାପତି ନିକାଶ ଖଟୁଆ, ସଂପାଦକ ଶ୍ରୀନିବାସ ରାଉତ ପ୍ରମୁଖ ଉପସ୍ଥିତ ଥିବା ବେଳେ ସୁଶାନ୍ତ କୁମାର ମାଝି ଖେଳକୁ ପରିଚାଳନା କରିଥିଲେ।

# ୨୦ ହଜାର ରନ ପୂର୍ଣ୍ଣ କଲେ ଚେତେଶ୍ୱର ପୂଜାରା



**ନୂଆଦିଲ୍ଲୀ**

ଫାଷ୍ଟ କ୍ଲାସ୍ କ୍ରିକେଟ୍‌ରେ ୨୦ ହଜାର ରନ ପୂରା କରିଛନ୍ତି ଭାରତୀୟ କ୍ରିକେଟର ଚେତେଶ୍ୱର ପୂଜାରା। ଏଭଳି କରିବାରେ ସେ ଚତୁର୍ଥ ଭାରତୀୟ ବ୍ୟାଟର ହୋଇଛନ୍ତି। ପୂଜାରାଙ୍କ ପୂର୍ବରୁ ସଚିନ ତେନ୍ଦୁଲକର, ସୁନୀଲ ଗାଭାସ୍କର ଏବଂ ରାହୁଲ ଦ୍ରାବିଡ଼ ଏହି ସଫଳତା ହାସଲ କରିଛନ୍ତି। ଫାଷ୍ଟ କ୍ଲାସ୍ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହ କରିଥିବା ବ୍ୟାଟରଙ୍କ ତାଲିକାରେ ପୂର୍ବତନ ଭାରତୀୟ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ପ୍ରଥମ ସ୍ଥାନରେ ଅଛନ୍ତି। ଲିଟିଲ ମାଷ୍ଟର ୫୧.୪୬ ହାରରେ ୩୪୮ ଫାଷ୍ଟ କ୍ଲାସ୍ ମ୍ୟାଚ୍ ଖେଳି ୨୫୮୩୪ ରନ କରିଛନ୍ତି। ଫାଷ୍ଟ କ୍ଲାସ କ୍ରିକେଟର ଗାଭାସ୍କର ୮୧ ଥର ଶତକ ହାସଲ କରିଛନ୍ତି।

ଏହି ତାଲିକାରେ ସଚିନ ତେନ୍ଦୁଲକର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସଚିନ ୩୧୦ଟି ଫାଷ୍ଟ କ୍ଲାସ୍ ମ୍ୟାଚ୍ ଖେଳି ୨୫୩୯୬ ରନ କରିଛନ୍ତି। ମାଷ୍ଟର ବ୍ଲାଷ୍ଟର ତାଙ୍କର ଫାଷ୍ଟ କ୍ଲାସ୍ କ୍ୟାରିୟରରେ ୮୧ଟି ଶତକ ହାସଲ କରିଥିଲେ। ରାହୁଲ ଦ୍ରାବିଡ଼ ଏହି ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି। ଭାରତୀୟ ଦଳର ବର୍ତ୍ତମାନର କୋଚ୍ ରାହୁଲ ଦ୍ରାବିଡ୍ ୨୯୮ ଫାଷ୍ଟ କ୍ଲାସ ମ୍ୟାଚ୍‌ରେ ୨୩୭୯୪ ରନ କରିଛନ୍ତି। ଭାରତୀୟ କ୍ରିକେଟ ଟିମ୍‌ର ଦ ୱାଲ ନାମରେ ଜଣାଶୁଣା ରାହୁଲ ଦ୍ରାବିଡ଼ ତାଙ୍କର ଫାଷ୍ଟ କ୍ଲାସ କ୍ରିକେଟ୍ କ୍ୟାରିୟରରେ ୫୫.୩୩ ହାରରେ ରନ ସଂଗ୍ରହ କରିଥିଲେ। ଏହା ବ୍ୟତୀତ ସେ ଫାଷ୍ଟ କ୍ଲାସ କ୍ରିକେଟ୍‌ରେ ୬୮ ଥର ଶତକ ହାସଲ କରିଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ଚେତେଶ୍ୱର ପୂଜାରା ୨୬୦ଟି ଫାଷ୍ଟ କ୍ଲାସ ମ୍ୟାଚ୍ ଖେଳିଥିବା ବେଳେ ୨୦୦୧୩ ରନ କରିଛନ୍ତି। ଏହି ଫର୍ମାଟ୍‌ରେ ସେ ୫୧.୯୬ ହାରରେ ରନ ସଂଗ୍ରହ କରିଛନ୍ତି। ଫାଷ୍ଟ କ୍ଲାସ କ୍ରିକେଟ୍‌ରେ ପୂଜାରା ୬୧ ଶତକ ହାସଲ କରିଛନ୍ତି। ଏହି ଚାରିଜଣ ବ୍ୟାଟରଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତୀୟ ବ୍ୟାଟର ଫାଷ୍ଟ କ୍ଲାସ କ୍ରିକେଟ୍‌ରେରେ ୨୦ ହଜାର ରନ ଅତିକ୍ରମ କରି ପାରିନାହାଁନ୍ତି। ତେଣୁ ଚେତେଶ୍ୱର ପୂଜାରା ସ୍ୱତନ୍ତ୍ର କ୍ଲବ୍‌ରେ ସାମିଲ ହୋଇଛନ୍ତି।

# ମାର୍ଚ୍ଚ ୨୨ରୁ ମେ' ୨୬ ପର୍ଯ୍ୟନ୍ତ ଆଇପିଏଲ ୨୦୨୪ ଆୟୋଜନ କରିବାକୁ ବିସିସିଆଇର ଯୋଜନା

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ତମ ସଂସ୍କରଣ ମାର୍ଚ୍ଚ ୨୨ରେ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ର ନିର୍ଦ୍ଧାରିତ ସମାପ୍ତ ହେବାର ଠିକ୍ ୫ ଦିନ ପରେ ଆଇପିଏଲ ଉତ୍ସବ ଆରମ୍ଭ ହୋଇପାରେ। ୱେଷ୍ଟଇଣ୍ଡିଜ ଏବଂ କାରିବିଆନରେ ଟି୨୦ ବିଶ୍ୱକପ ଆରମ୍ଭ ହେବାର ମାତ୍ର ୫ ଦିନ ପୂର୍ବରୁ ଆଇପିଏଲ ମେ' ୨୬ ପର୍ଯ୍ୟନ୍ତ ଚାଲିବାକୁ ଯାଉଛି। ତେବେ ବିଶ୍ୱକପରେ ଭାରତର ପ୍ରଥମ ମ୍ୟାଚ୍ ୯ ଦିନ ପରେ, ଜୁନ ୫ରେ ଧାର୍ଯ୍ୟ କରାଯାଇଛି।

ବିସିସିଆଇ ଏହାର ହିତାଧିକାରୀଙ୍କ ସହ ଆଲୋଚନା କରିଥିବା ସମ୍ଭାବ୍ୟ କାର୍ଯ୍ୟସୂଚୀ ଅନୁଯାୟୀ, ଡବ୍ଲୁପିଏଲର ଦ୍ୱିତୀୟ ସିଜନ ଫେବୃଆରୀ ୨୨ରୁ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୂର୍ବ ରିପୋର୍ଟ ଅନୁଯାୟୀ ଏହି ଲିଗ୍ ବେଙ୍ଗାଲୁରୁ ଏବଂ ଦିଲ୍ଲୀରେ ଆୟୋଜିତ ହେବ। ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଅଫିସିଆଲ ତାରିଖର



ଘୋଷଣା ହେବ ବୋଲି ଆଶା କରାଯାଏ, ସମ୍ଭବତଃ ସୋମବାର ହୋଇପାରେ।

ଅଧିକାଂଶ କ୍ରିକେଟ ବୋର୍ଡରୁ ବିସିସିଆଇ ନିଶ୍ଚିତ ହୋଇଛି ଯେ ଫାଇନାଲ ପର୍ଯ୍ୟନ୍ତ ସେମାନଙ୍କ ଖେଳାଳି ଉପଲବ୍ଧ ହେବେ। ତେବେ, ଜୁନ୍ ୧ରେ ଟି୨୦ ବିଶ୍ୱକପ ଆରମ୍ଭ ହେବାକୁ ଥିବାବେଳେ କିଛି ଖେଳାଳିଙ୍କ ଶୀଘ୍ର ବିଦାୟକୁ ଏଡ଼ାଇ ଦିଆଯାଇପାରିବ ନାହିଁ। କିନ୍ତୁ ଏହି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ସହିତ କାର୍ଯ୍ୟସୂଚୀକୁ ସମାନ କରିବା ଏବଂ ଭାରତରେ ଲିଗ୍ ଆୟୋଜନ କରିବା ବିସିସିଆଇର ପ୍ରାଥମିକ ଚିନ୍ତା।

# ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ପ୍ରଥମ ଦୁଇଟି ମୁକାବିଲା ଖେଳିବେନି ବିରାଟ କୋହଲି



**ନୂଆଦିଲ୍ଲୀ**

ଜାନୁଆରୀ ୨୫ ତାରିଖରୁ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ୫ଟି ଟେଷ୍ଟ ସିରିଜ୍‌ରେ ପ୍ରଥମ ଦୁଇଟି ସିରିଜ୍ ଖେଳିବେ ନାହିଁ ବିରାଟ କୋହଲି। ବ୍ୟକ୍ତିଗତ କାରଣରୁ ବିରାଟ ଟେଷ୍ଟ ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ବିସିସିଆଇ ସୂଚନା ଦେଇଛି।

ବିସିସିଆଇ ଏକ ପ୍ରେସ୍ ରିଲିଜ୍ ଜାରି କରି ବିରାଟଙ୍କ ବିଷୟରେ ସୂଚନା ଦେଇଥିବା ବେଳେ ଖୁବ୍‌ଶୀଘ୍ର ତାଙ୍କ ବଦଳରେ ଖେଳାଳି ଘୋଷଣା କରାଯିବ ବୋଲି ବୋର୍ଡ କହିଛି।

ବିସିସିଆଇ କହିଛି ଯେ ବିରାଟ ଦଳର ଅଧିନାୟକ ରୋହିତ ଶର୍ମା ଓ ଟିମ୍ ମ୍ୟାନେଜ୍‌ମେଣ୍ଟ ଓ ଚୟନକର୍ତ୍ତାଙ୍କ ସହ କଥା ହୋଇ କହିଛନ୍ତି ଯେ ଦେଶର ପ୍ରତିନିଧିତ୍ୱ କରିବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ଥିବାବେଳେ କିଛି ବ୍ୟକ୍ତିଗତ ପରିସ୍ଥିତି ଯୋଗୁ ସେ ଉପସ୍ଥିତ ରହିପାରୁ ନାହାନ୍ତି। ସୂଚନା ଥାଉକି ଜାନୁଆରୀ ୨୫ ତାରିଖରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ଟି ଟେଷ୍ଟ ସିରିଜ୍ ଖେଳାଯିବ।

ଭାରତୀୟ ଟିମ୍ : ରୋହିତ ଶର୍ମା (କ୍ୟାପ୍ଟେନ), ଶୁଭମାନ ଗିଲ, ଯଶସ୍ୱୀ ଜୈସ୍ୱାଲ, ଶ୍ରେୟସ ଆୟର, କେ.ଏଲ ରାହୁଲ (ୱିକେଟ କିପର), କେ.ଏସ୍ ଭରତ (ୱିକେଟ କିପର), ଧ୍ରୁଭ ଜୁରେଲ (ୱିକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବିନ୍ଦ୍ର ଜାଡେଜା, ଅକ୍ସାର ପଟେଲ, କୁଲଦୀପ ଯାଦବ, ମୋହମ୍ମଦ ସିରାଜ, ମୁକେଶ କୁମାର, ଜସପ୍ରୀତ ବୁମ୍‌ରା (ଭାଇସ କ୍ୟାପ୍ଟେନ୍), ଆବେଶ ଖାନ।

ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ ସୂଚୀ : ୧. ପ୍ରଥମ ଟେଷ୍ଟ ହାଇଦ୍ରାବାଦ- ଜାନୁୟାରୀ ୨୫ ରୁ ୨୯ ପର୍ଯ୍ୟନ୍ତ। ୨. ଦ୍ୱିତୀୟ ଟେଷ୍ଟ ଭାଇଜାଗ ଫେବୃଆରୀ ୨ ରୁ ୬। ୩. ତୃତୀୟ ଟେଷ୍ଟ ରାଜକୋଟ ଫେବୃଆରୀ ୧୫ ରୁ ୧୯। ୪. ଚତୁର୍ଥ ଟେଷ୍ଟ ଫେବୃଆରୀ ୨୩ ରୁ ୨୭। ୫. ପଞ୍ଚମ ଟେଷ୍ଟ ମାର୍ଚ୍ଚ ୭ ରୁ ୧୧ ପର୍ଯ୍ୟନ୍ତ।

# ୩୦ ବର୍ଷ ପରେ ବି ଛକା ମାରିବାରେ ସମସ୍ତଙ୍କୁ ପଛରେ ପକାଇଲେ ରୋହିତ ଶର୍ମା

**ନୂଆଦିଲ୍ଲୀ**

ଆଫଗାନିସ୍ତାନ ବିପକ୍ଷ ତୃତୀୟ ଟି -୨୦ ମ୍ୟାଚରେ ଶତକ ହାସଲ କରିବା ପରେ ସୋସିଆଲ ମିଡିଆରେ ଟ୍ରେଣ୍ଡରେ ଅଛନ୍ତି ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା। ଏହି ଇନିଂସରେ ରୋହିତ ଶର୍ମା ବିସ୍ଫୋରକ ବ୍ୟାଟିଂ କରି ପ୍ରଶଂସକମାନଙ୍କୁ ବିଶ୍ୱକପ ପରାଜୟର ଦୁଃଖ ଭୁଲାଇବାକୁ ଚେଷ୍ଟା କରିଥିଲେ।

ସେଦିନ ରୋହିତଙ୍କ ବ୍ୟାଟିଂ ଦେଖି ସମସ୍ତେ ଖୁସି ହୋଇଥିଲେ। ବୟସ ୩୦ ଟପିବା ପରେ ବି ରୋହିତ ଯେଉଁଭଳି ଚମତ୍କାର ବ୍ୟାଟିଂ କରୁଛନ୍ତି ଏଭଳି ବ୍ୟାଟିଂ ବିଶ୍ୱର ଅନ୍ୟ କୌଣସି ବ୍ୟାଟର କରିପାରି ନଥିଲେ। ସେ ଯେ କ୍ରିକେଟର ସିକ୍ସର କିଙ୍ଗ ଏକଥା ରୋହିତ ପ୍ରମାଣିତ କରିଛନ୍ତି। କ୍ରିସ୍ ଗେଲ୍, ସନଥ୍ ଜୟସୁରିଆ, ମ୍ୟାକୁଲମ ଓ ଗିଲ୍‌ଖ୍ରୀଷ୍ଟ ଭଳି ବିଶ୍ୱର ଅନ୍ୟ ଶ୍ରେଷ୍ଠ ବ୍ୟାଟରଙ୍କୁ ବି ପଛରେ ପକାଇ ନମ୍ବର ୱାନ ହୋଇଛନ୍ତି ରୋହିତ ଶର୍ମା।

୩୦ ବର୍ଷ ପୂରା ହେବା ପରେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକ୍କା ମାରିଥିବା କ୍ରିକେଟର ହୋଇଛନ୍ତି ରୋହିତ ଶର୍ମା। ବୟସ ୩୦ ଟପିବା ପରେ ରୋହିତ ୩୯୭ଟି ଛକ୍କା ମାରିଛନ୍ତି। ଆଗକୁ ଜାନୁଆରୀ ୨୫ ରୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ହେବାକୁ ଯାଉଛି। ରୋହିତ ଶର୍ମା ଏଥିରେ ସହଜରେ ୪୦୦ ଟି ଛକ୍କା ପୂରା କରିଦେବେ। ଏହାପରେ ୩୦ ବର୍ଷ ବୟସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଏହି ମାଇଲଖୁଣ୍ଟ ହାସଲ କରିବାରେ ପ୍ରଥମ କ୍ରିକେଟର ହେବାର ଗୌରବ ଅର୍ଜନ କରିବେ ରୋହିତ ଶର୍ମା।

ରୋହିତ ଶର୍ମାଙ୍କ ପୂର୍ବରୁ ୩୦ ବର୍ଷ ବୟସ ପରେ ସର୍ବାଧିକ ଛକା ମାରିବାର ରେକର୍ଡ ୱେଷ୍ଟଇଣ୍ଡିଜ ବ୍ୟାଟର କ୍ରିସ୍ ଗେଲଙ୍କ ନାଁରେ ରହିଥିଲା। କ୍ରିସ ଗେଲ ୩୦ ବର୍ଷ ବୟସ ଅତିକ୍ରମ କରିବା ପରେ ଅନ୍ତର୍ଜାତୀୟ କ୍ରିକେଟରେ ୩୨୧ ଛକା ମାରିଛନ୍ତି। ଏହି ତାଲିକାର ତୃତୀୟ ସ୍ଥାନ ରହିଛନ୍ତି ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ସନଥ ଜୟସୁରିଆ। ସେ ୨୨୭ ଟି ଛକା ମାରିଛନ୍ତି।

ଜୟସୁରିଆଙ୍କ ପଛରେ ନ୍ୟୁଜିଲ୍ୟାଣ୍ଡର ପୂର୍ବତନ ଷ୍ଟାର ବ୍ୟାଟର ବ୍ରେଣ୍ଡନ ମ୍ୟାକକୁଲମ ୨୦୩ ଛକା ମାରିଥିଲେ। ପାକିସ୍ତାନର ମହମ୍ମଦ ହାଫିଜ ୩୦ ବର୍ଷ ବୟସ ଅତିକ୍ରମ କରିବା ପରେ ୧୯୮ ଛକା ମାରିଥିଲେ।

## ବାରିପଦା ସହରରେ ହାତୀ ଉପଦ୍ରବ

# ପାଚେରୀ ଭାଙ୍ଗି ପଶିଲା ଏମକେସି ହାଇସ୍କୁଲରେ, ଲୋକେ ଆତଙ୍କିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଦିନକୁ ଦିନ ଜଙ୍ଗଲୀ ଜନ୍ତୁ ମାନେ ଜନବସତି ମୁହାଁ ହୋଇ ଉପଦ୍ରବ କରୁଥିବା ବେଳେ ଲୋକେ ଆତଙ୍କିତ ହୋଇ ରହୁଛନ୍ତି। ତେବେ ସାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷ ତମାମ ହାତୀ ଉପଦ୍ରବ ଲାଗିରହି ଥିବା ବେଳେ ଗୁରୁବାର ସକାଳୁ ସକାଳୁ ବାରିପଦା ସହର ଭିତରେ ଗୋଟିଏ ଗୋଠଛଡ଼ା ଦନ୍ତାହାତୀ ପଶି ଆସି ଉପଦ୍ରବ କରିଥିବାରୁ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ। ବିଶେଷ କରି ହାତୀଟି ସହରର କେନ୍ଦ୍ର ସ୍ଥଳରେ ଥିବା ଏମକେସି ହାଇସ୍କୁଲର ପାଚେରୀ ଭାଙ୍ଗି ସ୍କୁଲ ହତା ଭିତରେ ପଶି ଯାଇଥିବାରୁ ସ୍କୁଲ ପରିସର ରେ ଥିବା ହଷ୍ଟେଲ ପିଲା ଏବଂ ଶିକ୍ଷକ କର୍ମଚାରୀମାନେ ଆତଙ୍କିତ ହୋଇ ପଡ଼ିଥିଲେ। ଏପରିକି ହାତୀ ଉପଦ୍ରବ ପାଇଁ ସ୍କୁଲକୁ ଆସିବାକୁ ପିଲାଙ୍କୁ ବାରଣ କରାଯାଇଥିଲା। ସୂଚନା ଅନୁଯାୟୀ ସକାଳ ପ୍ରାୟ ୪ଟା ପାଖାପାଖି ବାରିପଦା ଭଞ୍ଜପୁର ଦେଇ ହାତୀଟି ସହର ଭିତରକୁ ପ୍ରବେଶ କରିଥିଲା। ସେଠାରେ ଲୋକଙ୍କ ହୋହାଲ୍ଲାରେ ସତ୍ୟସାଇ ଛକ ଦେଇ ବାରିପଦା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପରିସରରେ ପଶିଥିଲା ହାତୀଟି। ଖବର ପାଇ ପୋଲିସ ଏବଂ ବନ ବିଭାଗ ମିଳିତ ଭାବେ ହାତୀ ଘଉଡ଼ାବାର ଦୀର୍ଘ ସମୟ ପରେ ହାତୀ ସ୍କୁଲରୁ ବାହାରି ସହର ମଧ୍ୟ ଭାଗ ବଡ଼ ବାଜାର ଦେଇ ବୁଢ଼ାବଳଙ୍ଗ ନଦୀ ପାରି କରି ଜଙ୍ଗଲରେ ଛଡ଼ାଯାଇଛି।

ସେପଟେ ହାତୀ ସହର ମଧ୍ୟରେ ପ୍ରବେଶ କରିବା ପରେ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରିବା ସହ କ୍ଷୟକ୍ଷତି କରିଛି। ତେଣୁ ସମସ୍ତ କ୍ଷୟକ୍ଷତି ଆକଳନ ଅନୁସାରେ କ୍ଷତି ପୂରଣ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ବାରିପଦା ଡି.ଏଫ.ଓ. ସନ୍ତୋଷ ଯୋଶୀ।

## ୩୫ତମ ସର୍ବ ଭାରତୀୟ ଲାଲମନି ସ୍ମାରକୀ ଟୁର୍ଣ୍ଣାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ନବଜୀବନ କ୍ରିକେଟ୍ କ୍ଲବ୍ (ସୁନ୍ଦରଗଡ଼) ବିଜୟୀ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ଗାନ୍ଧୀ ପଡ଼ିଆରେ ସୋନପୁର ଜିଲ୍ଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ୩୫ତମ ସର୍ବ ଭାରତୀୟ ଲାଲମନି ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ସୁନ୍ଦରଗଡ଼ ନବଜୀବନ କ୍ରିକେଟ୍ କ୍ଲବ୍ ଖୋର୍ଦ୍ଧା ଦଳକୁ ପରାସ୍ତ କରିଛି। ଲାଲମନି ଇତିହାସରେ ପ୍ରଥମ ଥର ଟର୍ଫ ପିଚ୍‌ରେ ସମସ୍ତ ଖେଳ ଖେଳାଯାଉଛି। ଟି-୨୦ରେ ପ୍ରଥମେ ସୁନ୍ଦରଗଡ଼ ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଖୋର୍ଦ୍ଧା ଦଳ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ ବିନିମୟରେ ମାତ୍ର ୧୧୨ ରନ୍ କରିବାକୁ ସମର୍ଥ ହୋଇଥିଲା। ସୁନ୍ଦରଗଡ଼ ଦଳ ଅନାୟସରେ ୧୧୩ ରନ୍ କରିବାରେ ସଫଳ ହୋଇଥିଲା। ସୁନ୍ଦରଗଡ଼ ଦଳକୁ ବୋନସ୍ ରୂପରେ ରନ୍ ମିଳିଥିଲା। ଟି-୧୦ମ୍ୟାଚ୍‌ରେ ଖୋର୍ଦ୍ଧା ଦଳ ମାତ୍ର ୩୮ ରନ୍ କରିବାରେ ସଫଳ ହୋଇଥିଲା। ସୁନ୍ଦରଗଡ଼ ପକ୍ଷରୁ ଅଂଶ ଖୁବ୍ ସୁନ୍ଦର୍ ବୋଲିଂ କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ୯ ରନ୍ ବୋନସ୍ ପାଇଥିବାରୁ ସୁନ୍ଦରଗଡ଼ ପାଇଁ ବିଜୟ ଲକ୍ଷ୍ୟ ଥିଲା ୨୯ ରନ୍ ଓ ଏହି ଲକ୍ଷ୍ୟକୁ ସୁନ୍ଦରଗଡ଼ ଦଳ କୌଣସି ୱିକେଟ ନ ହରାଇ ଅତିକ୍ରମ କରିଥିଲେ। ସୁନ୍ଦରଗଡ଼ ସ୍ୱସ୍ତିକ ସାମଲକୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇ ଥିଲା। ସକାଳେ ପାଟଣାଗଡ଼ର ବିଧାୟକ ତଥା ବିଧାନ ସଭାରେ ସରକାରୀ ଦଳର ଉପମୁଖ୍ୟ ସଚେତକ ସୋରଜ ମେହେର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲ୍ଲପାଳ ସୂର୍ଯ୍ୟନାରାୟଣ ଦାଶ ଓ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ବିଶ୍ୱାଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଓସିଏ ସ୍ୱୀକୃତି ପ୍ରାପ୍ତ ଅମ୍ପାୟାର ପୃଥ୍ୱୀରାଜ୍ ମିଶ୍ର ଓ ଶ୍ୟାମ ସୁନ୍ଦର ପଣ୍ଡା। ସ୍କୋରର ଥିଲେ ବିନୋଦ ପାତ୍ର ଅନଲାଇନ୍ ସ୍କୋରିଂ କରିଥିଲେ। ଦିନେଶ ଘିବେଲା ଓ ବିଶ୍ୱନାଥ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଏସ ରାଓ, ଅଚ୍ୟୁତ ମିଶ୍ର ଓ ପାର୍ଥ ସାରଥୀ ଦାଶ।

# ସାହିତ୍ୟିକ ବିଜୟ ରାମ ବେଉରା ସମ୍ବର୍ଦ୍ଧିତ

**କିଶନ ନଗର, ନ୍ୟୁଜ୍**



ଅଗ୍ରଣୀ ସାଂସ୍କୃତିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର କଟକ ସଦର ପକ୍ଷରୁ ଅନୁଷ୍ଠିତ ହୋଇଥିବା ସାରସ୍ୱତ ପ୍ରତିଭା ସମ୍ମାନ ମହୋତ୍ସବରେ ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା ସୁସାହିତ୍ୟିକ ବିଜୟ ରାମ ବେଉରାଙ୍କୁ ଶିକ୍ଷାଦାନ ସେବା, ସାହିତ୍ୟ ସଂସ୍କୃତିର ବିକାଶ ଆଦି ଉଲ୍ଲେଖନୀୟ କୃତିତ୍ୱ ନେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ପରିଷଦ ସଭାପତି ପ୍ରତିଭା ଶତପଥୀ, ସଂପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକ, ଡକ୍ଟର କଲ୍ଲିମୁଲ୍ଲା, ବରିଷ୍ଠ ସମାଜସେବୀ ପ୍ରଫୁଲ୍ଲ କର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସମାଜସେବୀ ଗଙ୍ଗାଧର ବେହେରା, ଆମ ମାହାଙ୍ଗା ଅଧ୍ୟକ୍ଷ ଡକ୍ଟର ଅମରେନ୍ଦ୍ର ମହାନ୍ତି, ସମାଜସେବୀ ଦୁର୍ଗା ପ୍ରସାଦ ପରିଡ଼ା, ଇଂ.ଆଶୋକ ବିଶ୍ୱାଳ,ଅଭିନେତା ସନ୍ତୋଷ ପତି, ଇଂ.ପ୍ରକାଶ ସେଠୀ, ସମାଜସେବୀ ଶରତ ରାୟ, ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ, ସମାଜସେବୀ ପ୍ରଲୋପ ନାରାୟଣ ମହାପାତ୍ର, ଇଂ.ସେବକ ଶ୍ରୀକାନ୍ତ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଶିକ୍ଷାବିତ୍ ବେଉରା ଦୀର୍ଘ ଦିନ ବାଲୁଙ୍କେଶ୍ୱର ବିଦ୍ୟାପୀଠ ଦେଉଳିରୁ ଶିକ୍ଷାଦାନ ସେବାରେ ଅବସର ଗ୍ରହଣ ପରେ ଅଧୁନା ଅତିଥି ଶିକ୍ଷକ ଭାବେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସିଦ୍ଧେଶ୍ୱରପୁରରେ ଶିକ୍ଷାଦାନ ସେବାରେ ସମର୍ପିତ ହେବା ସହ ଉତ୍କଳ ୟୁଥ୍ ଟ୍ରଷ୍ଟ ବାଙ୍ଗାଲୋର, ପ୍ରବାସୀ ଓଡ଼ିଆ ସାହିତ୍ୟ ସଂସଦ ମୁମ୍ବାଇ, ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା, ଉତ୍କଳ ସେବା ସଂଘ ନୋଇଡ଼ା, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ବୟାଳିଶମୌଜା, ଦିବ୍ୟାଲୋକ ସନ୍ଧାନେ ଅଧ୍ୟାତ୍ମିକ ପତ୍ରିକା, କୁନି ପ୍ରତିଭା, ନେତାଜୀ ପରିଷଦ ବରାଳ ୪୨ ମୌଜା ଆଦି ବିଭିନ୍ନ ସଙ୍ଗଠନର ଉପଦେଷ୍ଟା ଭାବେ ବହୁବିଧ ସେବା, ସମାଜ ସଂସ୍କାର ଓ ସାହିତ୍ୟ ସେବାରେ ସାଧନାରତ।

## ପ୍ରତିଶ୍ରୁତି ପୂରଣ କଲେ ରେଳ ମନ୍ତ୍ରୀ

# ବାଲେଶ୍ୱର ରେଳ ଷ୍ଟେସନରେ ପାଦଚଲା ପୋଲ କାର୍ଯ୍ୟ ଆରମ୍ଭ

**ବାଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ବାଲେଶ୍ୱର ରେଳ ଷ୍ଟେସନ ଠାରେ ସମସ୍ତ ପ୍ଲାଟଫର୍ମକୁ ଯାତାୟାତ ପାଇଁ ଫୁଟ୍ ଓଭର ବ୍ରିଜ୍ ଆବଶ୍ୟକ କରୁଥିବା ବେଳେ ସ୍ଥାନୀୟ ଜନସାଧାରଣ ଓ ଯାତ୍ରୀମାନେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଗତ ବାଲେଶ୍ୱର ଗସ୍ତ ସମୟରେ ମତାମତ ଦେଇ ଏହି କାର୍ଯ୍ୟ ସମାପନ କରିବାକୁ ଅନୁରୋଧ କରିଥିଲେ।

ଜନସାଧାରଣଙ୍କ ମତାମତକୁ ସମ୍ମାନ ଦେଇ ରେଳ ମନ୍ତ୍ରୀ ବାଲେଶ୍ୱର ଷ୍ଟେସନ ଠାରେ ସବୁ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଏକ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇ ରେଳବାଇ ଅଧିକାରୀଙ୍କୁ ଏହି କାର୍ଯ୍ୟ ଶୀଘ୍ର ସମାପନ ପାଇଁ ଆଦେଶ ଦେଇଥିଲେ। ପ୍ରତିଶ୍ରୁତିର ମାତ୍ର ଅଳ୍ପ ଦିନ ମଧ୍ୟରେ ପ୍ଲାଟଫର୍ମ ୦୧ ଓ ୦୨ ଏବଂ ୦୩ ଓ ୦୪କୁ ସଂଯୋଗ କରିବା କାର୍ଯ୍ୟ ଦୁଇଟି ବିଭାଗରେ ସମ୍ପ୍ରସାରଣ କରାଯାଇ ପ୍ରାୟ ୫୦ ମିଟର ଦୈର୍ଘ୍ୟ ଓ ୩.୦୫ ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ପ୍ରାରମ୍ଭ କରାଯାଇଛି।

ଏହି ପ୍ରକଳ୍ପ ପାଇଁ ଜେନେରାଲ ଆରେଞ୍ଜମେଣ୍ଟ ଡ୍ରଇଂ ଆନୁଷ୍ଠାନିକ ଭାବରେ ଅନୁମୋଦିତ ହୋଇଛି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ। ବର୍ତ୍ତମାନ, ବାଲେଶ୍ୱରରେ ରେଳ ଭିତ୍ତିଭୂମି ବୃଦ୍ଧି ପାଇଁ ଏକ ଉତ୍ସର୍ଗୀକୃତ ପ୍ରତିବଦ୍ଧତା ପ୍ରଦର୍ଶନ କରିପାରିଛି।

ଏହି ପ୍ରକଳ୍ପ ସମାପ୍ତ ହେବାପରେ ଏହା କେବଳ ଯାତ୍ରୀମାନଙ୍କ ପାଇଁ ଏକ ନିରାପଦ ଯାତାୟାତ ପ୍ରଦାନ କରିବା ସହିତ ପ୍ଲାଟଫର୍ମଗୁଡିକ ମଧ୍ୟରେ ସୁଗମ ଏବଂ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରାଇବ, ଯାହାକି ନିରାପତ୍ତା ଦୃଷ୍ଟିରୁ ଯାତ୍ରୀମାନଙ୍କୁ ସହାୟକ ହେବ।

WATCO
OFFICE OF THE GENERAL MANAGER,
WATCO DIVISION-I, VANIVIHAR SQUARE,
BHUBANESWAR, ODISHA, PIN-751022
Phone / FAX: - 0674-2542821 / e-Mail: gmdivonewatco@gmiail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
GMWATCO-I/116/ 2023-24 Dt.16.01.2024
No. 357 / Date 16.01.2024
C-1657

| | | |
|---|---|---|
| 01 Name of the work | : | 1) Supply, Installation, testing and commissioning of the 11/ 0.433KV, 3 phase, 50HZ 500KVA copper wound, oil cooled Transformer at Ghatikia under WATCO Division-I, Bhubaneswar for Implementation of 24X7 water supply. 2) Supply, Installation, testing and commissioning of the 11/ 0.433KV, 3 phase, 50HZ, 250 KVA copper wound, oil cooled Transformer at Chandrasekharpur under WATCO Division-I, Bhubaneswar for Implementation of 24X7 water supply. 3) Supply, Installation, testing and commissioning of the 11/ 0.433KV, 3 phase, 50HZ, 100KVA copper wound, oil cooled Transformer at Chandrasekharpur under WATCO Division-I, Bhubaneswar for Implementation of 24X7 water supply. |
| 02 Estimate cost | : | 1) Rs. 30.00 Lakh, 2) Rs.52.50Lakh & 3)RS.37.50 lakh |
| 03 Period of completion | : | 1) 20 (Twenty) Days, 2) 20 (Twenty) Days 3) 20 (Twenty) Days |
| 04 Date & Time of availability of bid document In the portal | : | From 11.00 AM of Dt.24.01.2024 to 5.00 PM of 12.02.2024 |
| 05 Last date I time of receipt of bids in the portal | : | 5.00 PM of 12.02.2024 |
| 06 Date & Time of opening of bids | : | At 12.30 PM of 13.02.2024 |
| 07 Name and Address of the Officer Inviting Bid | : | General Manager, WATCO Division-I, BBSR |

**Name & Address of Officer Inviting Bid: The General Manager, WATCO Division-I, BBSR, Odisha,**
Further details can be seen from the e-Procurement portal "https://www.tendersodisha.gov.in"
Sd/- GENERAL MANAGER,
WATCO Division-I, BBSR
OIPR-13083/11/0029/2324

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଜାନୁଆରୀ ୨୦୨୪ ମଙ୍ଗଳବାର









ଭୁବନେଶ୍ୱର : ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ନିମନ୍ତେ ରାଜଧାନୀର ଗାନ୍ଧୀ ମାର୍ଗରେ ଚାଲିଛି ପରେଡ୍ ଅଭ୍ୟାସ । (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋଦି ପିଇଲେ...

ମୋଦି ୧୧ ଦିନିଆ ବ୍ରତ ରଖିଥିଲେ। ସେ ପ୍ରତିଦିନ ଏକ ବିଶେଷ ମନ୍ତ୍ର ପାଠ କରୁଥିଲେ। ଆଧ୍ୟାତ୍ମିକ ଜଗତ ସହିତ ଜଡ଼ିତ ଜଣେ ମହାପୁରୁଷଙ୍କଠାରୁ ପ୍ରଧାନମନ୍ତ୍ରୀ ଏହି ମନ୍ତ୍ର ଗ୍ରହଣ କରିଥିଲେ। ସେଥିପାଇଁ ସେ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରେ ଉଠି ୧ ଘଣ୍ଟା ୧୧ ମିନିଟ ଧରି ଏହି ମନ୍ତ୍ର ଜପ କରି ଆସୁଥିଲେ। ଏଥିସହ ସେ ୧୧ ଦିନ ଯାଏଁ କେବଳ ଫଳାହାର କରି ରହିଥିଲେ। କେବଳ ସେତିକି ନୁହେଁ ସେ କେବଳ ଗୋଟିଏ କମ୍ବଳରେ ଶୋଉଥିଲେ ବୋଲି ସୂଚନା ମିଳିଛି।

## ସଜେଇ ହେଉଛି ...

ସାକ୍ଷୀଗୋପାଳ କଲେଜ ପରିସରରେ ଏକ ପ୍ରସ୍ତୁତି ବୈଠକ ଉଚ୍ଚଶିକ୍ଷା ବିଭାଗ ଡାଇରେକ୍ଟର ଭବାନୀ ଶଙ୍କର ଚଇନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୨୦୧୯ ମସିହା ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। ପ୍ରାୟ ୯ ଏକର ଜାଗାରେ ଏହି ଐତିହାସିକ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କରାଯାଇଛି। ଏଥିରେ ହଷ୍ଟେଲ, କ୍ଲାସରୁମ, ଅଫିସ ସହିତ ବିଭିନ୍ନ ରୁମ ତିଆରି ସରିଛି । ଏହା ସହିତ ସାକ୍ଷୀଗୋପିନାଥଙ୍କ ଏକ ପୁଷ୍କରିଣୀର ପୁନଃରୁଦ୍ଧାର କରାଯାଇଛି। ପ୍ରସ୍ତୁତି ବୈଠକରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ ସବିତା ପ୍ରଧାନ, ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସେକ୍ରେଟାରୀ ରମାକାନ୍ତ ନାୟକ, ରେଜିଷ୍ଟର ରଶ୍ମିରେଖା ଦାସ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧକ୍ଷ ସତ୍ୟଶିବ ସୁନ୍ଦର ମିଶ୍ର, ରାଜ୍ୟ ପର୍ଯ୍ୟଟନ ବିଭାଗ ଡିଜିଟାଲ ପ୍ରିୟସ ଚକ୍ରବର୍ତ୍ତୀ, ପୁରୀ ପରିବହନ ଅଧିକାରୀ ବିପିନ ପଟ୍ଟନାୟକ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ଉଦଘାଟନ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ରାଜେଶ, ଏସଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ବିଜୟକେତନ ବେହେରା, ଓଡ଼ିଶା ସେତୁ ନିର୍ମାଣ ନିଗମର ଡିଜିଟାଲ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଧିକ୍ଷଣ ଯନ୍ତ୍ରୀ ସୁନ୍ଦର ମାଧବ ପାଢୀ, ବିଡିଓ ଲିପିସା ରାୟ ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ କର୍ମଚାରୀ ଏବଂ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଅର୍ପଣ ରଥରେ...

ସଂଗୃହୀତ ଗୁଆ, ଅରୁଆ ଚାଉଳ ଓ ନଡ଼ିଆ ଆଣି ପ୍ରତ୍ୟେକ ଜିଲ୍ଲାରୁ ପୁରୀକୁ ଆସିବେ । ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖରୁ ଆରମ୍ଭ କରାଯିବ। ନିଜ ଜିଲ୍ଲାରୁ ବସ୍‌ରେ ଲୋକମାନେ ୨୪ ତାରିଖରେ ବାହାରିବେ ପୁରୀରେ ପହଞ୍ଚି ୨୫ ତାରିଖରେ ଅରୁଆ ଚାଉଳ, ଗୁଆ ଗୁଣ୍ଡିଚା ମନ୍ଦିରରେ ସେମାନଙ୍କଠାରୁ ଗ୍ରହଣ କରାଯିବ । ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୧୦ ହଜାର ଲୋକ ଆସି ପ୍ରଥମେ ସମଙ୍ଗ ପାର୍କିଂରେ ପହଞ୍ଚିବେ। ସେମାନେ ଆଣିଥିବା ଗୁଆ, ଅରୁଆ ଚାଉଳ, ନଡ଼ିଆ ଆଦି ଦେବା ପରେ ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲିବେ। ସମଙ୍ଗଠାରେ ୧୦ ହଜାର ଲୋକଙ୍କ ଖାଇବା ସହ ବିଶ୍ରାମ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ପ୍ରତି ଲୋକଙ୍କୁ ତାଳପତ୍ର ଭୋଗେଇରେ ଶୁଖିଲା ମହାପ୍ରସାଦ ପ୍ରଦାନ କରାଯିବ। ଏଥିପାଇଁ ସୁଆର ମହାସୁଆର ନିଯୋଗଙ୍କୁ ଦାୟିତ୍ୱ ଦିଆଯାଇଛି।

## ଓଡ଼ିଶାକୁ କୁମ୍‌କି ...

ସୁପ୍ରିୟା ସାହୁଙ୍କୁ ଲେଖିଥିବା ଏହି ଚିଠିରେ ସେ ଦର୍ଶାଇଛନ୍ତି ଯେ, ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ହାତୀ-ମଣିଷ ଲଢେଇକୁ ଦୂର କରିବା କ୍ଷେତ୍ରରେ ଅନେକ ପ୍ରକାର ଆହ୍ୱାନର ସମ୍ମୁଖୀନ ହେବାକୁ ପଡିଥିବା ଦୃଷ୍ଟିରୁ ଏହି ସମସ୍ୟାକୁ ଦକ୍ଷତାର ସହ ଏବଂ ମାନବିକ ଢଙ୍ଗରେ ସମାଧାନ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ହୋଇପଡ଼ିଛି। ଏକ୍ଷେତ୍ରରେ ତାଲିମପ୍ରାପ୍ତ କୁମ୍‌କି ହାତୀଙ୍କ ସହାୟତା ଲୋଡାଯାଉଛି। ଏହି କୁମ୍‌କି ହାତୀଙ୍କୁ ଅଣାଯାଇ ଏଠାରେ ମୁତୟନ କରାଗଲେ ଉଭୟ ଫସଲ ଓ ଧନଜୀବନ ଯେଭଳି ପ୍ରଭାବିତ ହେଉଛି ତାହାକୁ ରୋକଯାଇ ପାରିବ। ଏହି ହାତୀମାନଙ୍କୁ ଜଙ୍ଗଲରେ ପାଟ୍ରୋଲିଂ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇ ପାରିବ। ତାମିଲନାଡୁରେ ସଫଳତାର ସହ ଏବଂ ଉଲ୍ଲେଖନୀୟ ଭାବେ ତାଲିମପ୍ରାପ୍ତ କୁମ୍‌କି ହାତୀଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଉଦ୍ଦେଶ୍ୟରେ ନିୟୋଜିତ କରାଯାଇ ଥିବାରୁ ଏହି ଶ୍ରେଣୀର ୪ଟି ହାତୀଙ୍କୁ ଓଡ଼ିଶାର ସମସ୍ୟା ପ୍ରବଣ ଅଞ୍ଚଳରେ ମୁତୟନ ପାଇଁ ଯୋଗାଇ ଦେବାକୁ ଶ୍ରୀ ସାହୁ ତାଙ୍କ ଚିଠିରେ ଅନୁରୋଧ ଜଣାଇଛନ୍ତି। ଏହି ହାତୀମାନେ ଆମ ରାଜ୍ୟର ବନ୍ୟପ୍ରାଣୀ ସଂଗଠନର ଅମୂଲ୍ୟ ସମ୍ପଦର ସୁରକ୍ଷା କ୍ଷେତ୍ରରେ ବିଶେଷ ସହାୟକ ହୋଇପାରିବେ। ଯାହାଫଳରେ ଉଭୟ ମଣିଷ ଏବଂ ବନ୍ୟଜନ୍ତୁଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ। କୁମ୍‌କି ହାତୀ ସହିତ ସେମାନଙ୍କୁ ପରିଚାଳନା କରୁଥିବା ମାହୁନ୍ତମାନଙ୍କୁ ମଧ୍ୟ କିଛି ଦିନ ପାଇଁ ପଠାଇବାକୁ ମଧ୍ୟ ଅନୁରୋଧ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେମାନେ ଆସି ଆମ ସ୍ଥାନୀୟ ମାହୁନ୍ତ ମାନଙ୍କୁ କୁମ୍‌କି ହାତୀ ପରିଚାଳନା ବାବଦରେ ତାଲିମ ଦେବେ। ଆମ ମାହୁନ୍ତମାନେ ତାଲିମପ୍ରାପ୍ତ ହୋଇଗଲେ ସେମାନେ ଫେରିଯିବେ। ଏହି ପ୍ରସ୍ତାବ ଉପରେ ତୁରନ୍ତ ବିଚାର କରି ପଦକ୍ଷେପ ନେବାକୁ ଶ୍ରୀ ସାହୁ ତାଙ୍କ ଚିଠିରେ ଅନୁରୋଧ କରିବା ସହ ଏହା ଦ୍ୱାରା ଓଡ଼ିଶାରେ ବନ୍ୟପ୍ରାଣୀ ସୁରକ୍ଷା ଏବଂ

## ରାମ ମନ୍ଦିର...

କାଳ ପାଇଁ ସାକ୍ଷୀ ହୋଇ ରହିବ। ହଜାର ବର୍ଷ ପରେ ବି ଲୋକେ ଆଜିର ତାରିଖକୁ ଚର୍ଚ୍ଚା କରିବେ। ଆମେ ଅତ୍ୟନ୍ତ ଭାଗ୍ୟବାନ, ଏହି ମୁହୂର୍ତ୍ତକୁ ଦେଖୁଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଭୁ ରାମ ଭାରତବାସୀଙ୍କ ଅନ୍ତର ମନରେ ଅଛନ୍ତି। ଭାରତର କୋଣ ଅନୁକୋଣରେ ଅଛନ୍ତି ପ୍ରଭୁ ଶ୍ରୀରାମ । ରାମ ମନ୍ଦିର ପ୍ରତିଷ୍ଠା କ୍ଷେତ୍ରରେ ଯେଉଁମାନେ ମୁଖ୍ୟ ପୁରୋଧା ସାଜିଥିଲେ ସେମାନଙ୍କୁ ମନେ ପକାଇଛନ୍ତି ପ୍ରଧାନମନ୍ତ୍ରୀ। ଯାହାଙ୍କ କାର୍ଯ୍ୟ-ସମର୍ପଣ ପାଇଁ ଆମେ ଏ ଦିନ ଦେଖିଲୁ, ସେମାନେ ମନେରହିବେ ବୋଲି ମୋଦି କହିଛନ୍ତି। ଏ ମୁହୂର୍ତ୍ତ ଉତ୍ସବ ସହ ଭାରତୀୟ ସମାଜର ପରିପକ୍ୱତା ବୋଧର ସମୟ, ଏହି କ୍ଷଣ ବିଜୟ ସହ ବିନୟର କ୍ଷଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ପ୍ରାଣ ପ୍ରତିଷ୍ଠା ସମର୍ଥ, ସକ୍ଷମ, ଭବ୍ୟ, ଦିବ୍ୟ ଭାରତର ଆଧାର ବନିବ । ଆଜି ଦେଶରେ ନିରାଶା ପାଇଁ ସାମାନ୍ୟ ଜାଗା ନାହିଁ। ଗୁଣ୍ଡୁଚିମୂଷାର ତ୍ୟାଗ ଆମ ମନରୁ ହୀନମନ୍ୟତାକୁ ଦୂର କରିବ। ରାମ ପ୍ରବାହ, ରାମ ପ୍ରଭାବ, ରାମ ନିରନ୍ତର, ରାମ ନିତ୍ୟ, ରାମ ବ୍ୟାପକ, ରାମଙ୍କ ପ୍ରତିଷ୍ଠାର ପ୍ରଭାବ ହଜାର ବର୍ଷ ପାଇଁ ରହିବ, ରାମଙ୍କ ବିଚାର ମାନସରେ ନୁହେଁ, ଜନମାନସରେ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଜିର ଏ କ୍ଷଣ କହୁଛି ଆମ ଭବିଷ୍ୟତ, ଇତିହାସଠାରୁ ଆହୁରି ଉଜ୍ଜ୍ୱଳ ହେବ। ରାମଙ୍କ ପ୍ରତିଷ୍ଠା, ବସୁଧୈବ କୁଟୁମ୍ବକମର ନିଦର୍ଶନ ଯେଉଁମାନେ କହୁଥିଲେ ରାମ ମନ୍ଦିର ପ୍ରତିଷ୍ଠା ହେଲେ ନିଆଁ ଜଳିବ, ଆଜି ତାହା ଭୁଲ ବୋଲି ପ୍ରମାଣିତ ହୋଇଛି । ରାମ ନିଆଁ ନୁହେଁ ରାମ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସକ୍ଷମ ଭାରତ ଉଦୟର ସାକ୍ଷୀ ବନିବ ରାମ ମନ୍ଦିର। ଆଗାମୀ ସମୟ ସିଦ୍ଧିର, ଏ ସମୟ ଭାରତର। ଭାରତ ଏବେ ଆଗକୁ ଆଗକୁ ବଢ଼ି ଚାଲିବ। ଆମେ ଆଉ ଅଟକିବୁନି, ବିକାଶର ଆଗକୁ ଆଗକୁ ମାଡ଼ି ଚାଲିବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

## ବିଶ୍ୱ ଓଡ଼ିଆ ...

ପ୍ରଚାର-ପ୍ରସାର ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ଫେବୃଆରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସ୍ୱତନ୍ତ୍ର ଐତିହ୍ୟର ଶକ୍ତିଶାଳୀ ବାହକ ଭାବରେ ଭବିଷ୍ୟତ ତଥା ଯୁବପିଢ଼ିଙ୍କ ପାଖରେ ଓଡ଼ିଆ ଭାଷା କିଭଳି ଆହୁରି ଆଦୃତି ଲାଭ କରିବ ଏବଂ ଆଧୁନିକ ଜ୍ଞାନକୌଶଳକୁ ପ୍ରୟୋଗ କରି ଆମ ଭାଷା କିପରି ଆଗକୁ ବଢ଼ିପାରିବ ଏହି ସମ୍ମିଳନୀ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବ । ଏ ସମ୍ପର୍କରେ ଭାଷାବିତ ଓ ବୁଦ୍ଧିଜୀବୀ ମାନେ ସମ୍ମିଳନୀର ବିଭିନ୍ନ ସୋପାନରେ ବିଚାର- ବିମର୍ଷ କରିବେ। ବୁଦ୍ଧିଜୀବୀ, ଗବେଷକ, ବିଦ୍ୱାନ୍, ଛାତ୍ରଛାତ୍ରୀ ଏବଂ ଭାଷାକୁ ନେଇ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ବ୍ୟକ୍ତିବିଶେଷ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରିବାରେ ଏହି ସମ୍ମିଳନୀ ଏକ ବଳିଷ୍ଠ ମାଧ୍ୟମ ହେବ।

## ଚନ୍ଦ୍ରଯାନ-୩ ମିଶନର...

ସହଯୋଗର ଏକ ଅଂଶ ଭାବରେ ଚନ୍ଦ୍ରଯାନ-୩ ସହିତ ଚନ୍ଦ୍ରକୁ ପଠାଯାଇଥିଲା। ଚନ୍ଦ୍ରଯାନ-୩ରେ ସଂଲଗ୍ନ ଏଲ୍‌ଆରଏ ଏକ କ୍ଷୁଦ୍ର ସଂସ୍କରଣ, ଯାହା ବର୍ତ୍ତମାନ ଦକ୍ଷିଣ ମେରୁ ନିକଟରେ ଉପଲବ୍ଧ। ଏକମାତ୍ର ଏଲ୍‌ଆରଏ ଇସ୍ରୋ ଅନୁସାରେ, ବିକ୍ରମ ଲ୍ୟାଣ୍ଡରରେ ସଂଲଗ୍ନ ନାସାର ଏଲ୍‌ଆରଏ ଦୀର୍ଘ ସମୟ ପର୍ଯ୍ୟନ୍ତ ଜିଓଡେଟିକ ଷ୍ଟେସନ ଓ ଚନ୍ଦ୍ର ପୃଷ୍ଠରେ ସ୍ଥାନ ଚିହ୍ନଟକାରୀ ରୂପେ କାମ କରିବ। ଏହା ଦ୍ୱାରା ବର୍ତ୍ତମାନ ଓ ଭବିଷ୍ୟତର ଚନ୍ଦ୍ର ମିଶନକୁ ଲାଭ ମିଳିବ।

## ଝିପିଝିପି ବର୍ଷା...

ସମ୍ଭାବନା ରହିଛି। ସେହିପରି ଆଗାମୀ ୩ ଦିନ ପର୍ଯ୍ୟନ୍ତ କେତେକ ଅଞ୍ଚଳରେ ଘନ କୁହୁଡ଼ିର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଏ ନେଇ ସତର୍କ ସୂଚନା ଜାରି କରାଯାଇଛି।

## ଓଡ଼ିଶାରେ ଜେଏସଡବ୍ଲୁ ...

ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୋଟ ୧୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ସୂଚନା ପ୍ରଦୀପ କୁମାର ଜେନା କ୍ୟାବିନେଟ୍‌ରେ ମଞ୍ଜୁରୀ ଲାଭ କରିଥିବା ପ୍ରସ୍ତାବ ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରେ ଦେଶର ସବୁଠାରୁ ବଡ଼ ଇଭି କାରଖାନା ହେବ । ଇଲେକ୍ଟ୍ରି ଯାନ ପାଇଁ ଦୁଇ ପ୍ରକାର କାରଖାନା କରିବ ଜେଏସ୍‌ଡବ୍ଲୁ । ଗୋଟିଏ କାରଖାନାରେ ଇଲେକ୍ଟ୍ରି ଯାନ ଓ ବ୍ୟାଟେରୀ ପ୍ରସ୍ତୁତ ହେବ। ଅନ୍ୟ କାରଖାନାରେ ଇଲେକ୍ଟ୍ରି ଯାନ କମ୍ପୋନେଟ ପ୍ରସ୍ତୁତ କରାଯିବ। ସେହିପରି ରାଜ୍ୟରେ କଫି ଚାଷକୁ ବ୍ୟପକ କରିବା ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ୧୦ ହଜାର ଏକର ଜମିରେ କଫି ଚାଷ ହେଉଛି । କଫି ଚାଷକୁ ୧ ଲକ୍ଷ ଏକରକୁ ସଂପ୍ରସାରଣ କରାଯିବ। କୋରାପୁଟ ସମେତ ୬ ଜିଲ୍ଲାରେ କଫି ଚାଷ ହେବ । ଏଥିପାଇଁ ୧୧୪୪ କୋଟି ଟଙ୍କା ଖର୍ଚ୍ଚ ହେବାର ଯୋଜନା କରାଯାଇଛି। ମୁଖ୍ୟ ସଚିବ କହିଥିଲେ ଯେ, ଓଡ଼ିଶା ବାୟୋଟେକ୍ନୋଲୋଜି ପଲିସି- ୨୦୨୪କୁ ମଧ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଏଥିରେ ବାୟୋଟେକ୍ନୋଲୋଜି ଷ୍ଟାର୍ଟ- ଆପକୁ ମିଳିବ ଆର୍ଥିକ ସୁବିଧା । ଓଡ଼ିଶା ବାୟୋଟେକ୍ନୋଲୋଜି ଭିଜନ ଗ୍ରୁପ ଗଠନ ହେବ। ବାୟୋଟେକ୍ନଲଜୀର ସବୁଠାରୁ ଆଶାଜନକ କ୍ଷେତ୍ରରେ ଉଚ୍ଚ ଶିକ୍ଷା, ଗବେଷଣା, ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ଦେବା, ଇନୋଭେସନ, ଇନକ୍ୟୁବେସନ, ନିବେଶ, ଆୟ, ଉଦ୍ୟୋଗ ନିର୍ମାଣ ପାଇଁ ପ୍ରଭାବୀ ବାତାବରଣ ତିଆରି କରିବା ଏହାର ଉଦ୍ଦେଶ୍ୟ । ସେହିପରି ଏମଏସଏମଇ ବିଭାଗର ଏକ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ରାଜସ୍ୱ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ ମୋହର ବାଜିଛି । ଲିଜ ଜମିକୁ ସ୍ଥିତିବାନ କରିବା ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି । ସ୍ଥିତିବାନ ସତ୍ତ୍ୱ ପାଇଁ ପୂର୍ବରୁ ଜମି ମୂଲ୍ୟର ୧୦% ଦେୟ ପଡୁଥିଲା। ଏବେ ଏହି ଜମିର ପାଖ ଜମି ମୂଲ୍ୟ ଅନୁସାରେ ଦେୟ ଦେବାକୁ ପଡ଼ିବ। ପାଖ ଜମିର ବେଞ୍ଚମାର୍କ ମୂଲ୍ୟର ମାତ୍ର ୩% ଦେୟରେ ହେବ କନଭର୍ସନ୍। ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ରାୟକୁ ଭିତ୍ତି କରି ୭୮୨ ଜଣ ଅବସର ପ୍ରାପ୍ତ ଭିଏଲଡବ୍ଲୁଙ୍କୁ ସର୍ବନିମ୍ନ ପେନସନ ମଂଜୁର ପାଇଁ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ମଂଜୁରୀ ପ୍ରଦାନ କରାଯାଇଛି । ଓଡିଶା ଅଗ୍ନିଶମ ସେବା ନିୟମାବଳୀ – ୨୦୨୧ରେ ସଂଶୋଧନ ପାଇଁ ପ୍ରସ୍ତାବକୁ କ୍ୟାବିନେଟରେ ଅନୁମୋଦନ ମିଳିଛି।

## ଆଇଏଏସ୍ ସ୍ତରରେ ବଡ...

କର୍ପୋରେସନ (ସିଏମ୍‌ସି)ର କମିଶନର ଥିବା ନିଖିଲ ପବନ କଲ୍ୟାଣଙ୍କୁ ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ସୋନପୁରର ଜିଲ୍ଲାପାଳ ଥିବା ବିମଳେନ୍ଦୁ ରାୟଙ୍କୁ ଇପିଏମ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ବରଗଡ ଜିଲ୍ଲାପାଳ ଥିବା ମନୀଷା ବାନାର୍ଜୀଙ୍କୁ ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଭାବେ, ଯାଜପୁର ଜିଲ୍ଲାପାଳ ଥିବା ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ସମାଜ କଲ୍ୟାଣ ନିର୍ଦ୍ଦେଶକ ଥିବା ଲିଙ୍ଗରାଜ ପଣ୍ଡାଙ୍କୁ ସମବାୟ ବିଭାଗ ଯୁଗ୍ମ ସଚିବ ଭାବେ, ସମ୍ବଲପୁର ଜିଲ୍ଲାପାଳ ଥିବା ଅନନ୍ୟା ଦାସଙ୍କୁ ହସ୍ତତନ୍ତ ଓ ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ଯୁଗ୍ମ ସଚିବ ଭାବେ, କେନ୍ଦ୍ରାପଡା ଜିଲ୍ଲାପାଳ ଥିବା ଅମ୍ରିତ ଋତୁରାଜଙ୍କୁ ଶ୍ରମ କମିଶନର ଭାବେ ନିଯୁକ୍ତି ମିଳିଛି। ବୌଦ୍ଧ ଜିଲ୍ଲାପାଳ ଥିବା ନୃସିଂହ ଚରଣ ସ୍ୱାଇଁଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି। କଟକ ଜିଲ୍ଲାପାଳ ଥିବା ନରହରି ସେଠୀଙ୍କୁ ଜଳ ସଂପଦ ବିଭାଗ ଅତିରିକ୍ତ ସଚିବ ଭାବେ, ଅନୁଗୁଳ ଜିଲ୍ଲାପାଳ ଥିବା ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ କଟକ ମହାନଗର କମିଶନର ଭାବେ, କେନ୍ଦୁଝରର ଜିଲ୍ଲାପାଳ ଥିବା ଆଶିଷ ଠାକରେଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ଭାବେ, ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ କଟକ ଜିଲ୍ଲାପାଳ ଭାବେ, ରାଜ୍ୟ ନିର୍ବାଚନ କମିଶନର ସେକ୍ରେଟାରୀ ଥିବା ବିଜୟ କୁମାର ଦାସଙ୍କୁ ପୁରୀ ଜିଲ୍ଲାପାଳ ଭାବେ, ବଲାଙ୍ଗୀର ଜିଲ୍ଲାପାଳ ଥିବା ଚଞ୍ଚଳ ରାଣାଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଭାବେ, ରାୟଗଡା ଜିଲ୍ଲାପାଳ ଥିବା ସ୍ୱଧା ଦେବ ସିଂଙ୍କୁ ନୟାଗଡ଼ ଜିଲ୍ଲାପାଳ ଭାବେ, କୋରାପୁଟ ଜିଲ୍ଲାପାଳ ଥିବା ମହମ୍ମଦ ଅବଦଲ ଅଖତରଙ୍କୁ ଅନୁଗୁଳ ଜିଲ୍ଲାପାଳ ଭାବେ, ମାଲକାନଗିରି ଜିଲ୍ଲାପାଳ ଥିବା ବିଶାଲ ସିଂହ ହେଲେ କେନ୍ଦୁଝରର ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ରାଉରକେଲା ମ୍ୟୁନସିପାଲ କର୍ପୋରେସନର କମିଶନର ଥିବା ଡ. ଶୁଭଙ୍କର ମହାପାତ୍ରଙ୍କୁ ଯାଜପୁର ଜିଲ୍ଲାପାଳ ଭାବେ, ଗଞ୍ଜାମ ଜିଲ୍ଲା ପରିଷଦ ସିଡ଼ିଓ ତଥା ଇଓ ଥିବା କୀର୍ତ୍ତି ଭାସନ ଭିଙ୍କୁ କୋରାପୁଟ ଜିଲ୍ଲାପାଳ ଭାବେ, ବିଏମ୍‌ସିର ଅତିରିକ୍ତ କମିଶନର ଥିବା ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନର କମିଶନର ଥିବା ଜେ. ସୋନାଲଙ୍କୁ ବୌଦ୍ଧ ଜିଲ୍ଲାପାଳ ଭାବେ, ମୟୂରଭଞ୍ଜ ଏଡିଏମ ଥିବା ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସମ୍ବଲପୁର ଜିଲ୍ଲାପାଳ ଭାବେ, ବରଗଡ ଜିଲ୍ଲାପରିଷଦ ସିଡିଓ ତଥା ଇଓ ଥିବା ଆଦିତ୍ୟ ଗୋୟଲଙ୍କୁ ବରଗଡ଼ ଜିଲ୍ଲାପାଳ ଭାବେ, ନବରଙ୍ଗପୁର ଜିଲ୍ଲାପରିଷଦ ସିଡିଓ ତଥା ଇଓ ଥିବା ଅନ୍ୟା ଦାସଙ୍କୁ ସୋନପୁର ଜିଲ୍ଲାପାଳ ଭାବେ, ଜିଲ୍ଲାପରିଷଦ ସୁନ୍ଦରଗଡ ସିଡିଓ ତଥା ଇଓ ଥା ମନୋଜ ସତ୍ୟବାନ ମହାଜନଙ୍କୁ ରାୟଗଡ଼ା ଜିଲ୍ଲାପାଳ ଭାବେ, କଳାହାଣ୍ଡି ଜିଲ୍ଲାପରିଷଦ ସିଡିଓ ତଥା ଇଓ ଥିବା ପାୱାର ସଚିନ ପ୍ରକାଶଙ୍କୁ ମାଲକାନଗିରି ଜିଲ୍ଲାପାଳ ଭାବେ, କୋରାପୁଟ ଜିଲ୍ଲାପରିଷଦ ସିଡିଓ ତଥା ଇଓ ଥିବା ଗୌରବ ଶିବାଜୀ ଈଶ୍ୱରଙ୍କୁ ବଲାଙ୍ଗୀର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଧିନା ଦସ୍ତିଦାରଙ୍କୁ ଗଞ୍ଜାମ ଉପଜିଲ୍ଲାପାଳ, ରୀନା ପ୍ରଧାନଙ୍କୁ ବାଲିଗୁଡ଼ା ଉପଜିଲ୍ଲାପାଳ ଭାବେ, ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ବାଲେଶ୍ୱର ଉପଜିଲ୍ଲାପାଳ ଭାବେ, କିରଣଦୀପ କାଉର ସହୋଟାଙ୍କୁ ଗୁଣପୁର ଉପଜିଲ୍ଲାପାଳ ଭାବେ, ରେହାନ ଖତ୍ରୀଙ୍କୁ ଟିଟିଲାଗଡ଼ ଉପଜିଲ୍ଲାପାଳ ଭାବେ ଧିମାନ ଚକମାଙ୍କୁ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବା ବିଜ୍ଞପ୍ତିରୁ ଜଣାପଡିଛି।

## ପଞ୍ଚମୁଖୀ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ଉତ୍ସବ

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**

ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ସୋମବାର ଦିନ ପଂଚମୁଖୀ ହନୁମାନ ମନ୍ଦିର, ଲେନ୍ ନଂ- ୫, ଜୟଦେବ ବିହାରରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଥିଲା। ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ ଓ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଭୁବନେଶ୍ୱର ଜିଲ୍ଲାର ପୂର୍ବତନ ଯୁଗ୍ମ ସଚିବ ସୁବ୍ରତ ତ୍ରିପାଠୀ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଉପସଭାପତି ତଥା ବିକାଶ ପରିଷଦର ବରିଷ୍ଠ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡ. ଶକ୍ତିରମଣ ଜାମଲା, ସମାଜସେବୀ ମନୋଜ ରଥ ଓ ଯୁଧିଷ୍ଠିର ସାହୁ, ପରିଷଦର ଉପସଭାପତି ବିଭୂ[illegible] ରାଉତ, ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ଦାସ, କୋଷାଧକ୍ଷା ଲୋପାମୁଦ୍ରା ମହାପାତ୍ର ପ୍ରମୁଖ ଯୋଗ ଦେଇ ରାମଲାଲଙ୍କ ବିଷୟରେ ଆଲୋକପାତ କରିଥିଲେ।

## ଦାନବାକ୍ସରୁ ଲୁଟି ନେଲେ ଦାନ ଟଙ୍କା

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ସହର ସ୍ଥିତ ବାବା ଶ୍ରୀଶ୍ରୀଚନ୍ଦ୍ରଚୁଡ ମନ୍ଦିରରୁ ଚୋରି । ଶନିବାର ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ସୂଚନା ମିଳିଛି। ମନ୍ଦିରର ମୁଖ୍ୟ ଫାଟକ ଭାଙ୍ଗି ହୁଣ୍ଡି କାଠବାକ୍ସ ଥିବା ଦାନ ଟଙ୍କାକୁ ଚୋରି କରିନେଇଛନ୍ତି । ସନ୍ଧ୍ୟା ଆଳତି ସାରି ମନ୍ଦିର ସବୁ କବାଟକୁ ବନ୍ଦ କରି ତାଲା ପକାଇ ପୂଜକ ଘରକୁ ଯାଇଥିଲେ। ରବିବାର ସକାଳ ଭୋର୍ ୫ ଟା ବେଳକୁ ପୂଜା କରିବାକୁ ଆସିଥିବା ବେଳେ ମୁଖ୍ୟ ଫାଟକର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଭିତରକୁ ଯାଇ ଦେଖିବାକୁ ପାଇଥିଲେ ଯେ ଦାନବାକ୍ସରୁ ମଧ ଦାନ ଟଙ୍କା ସବୁ ଚୋରି ହୋଇଛି । ସେ ତୁରନ୍ତ ଏନେଇ ମନ୍ଦିର କମିଟିର ସଦସ୍ୟ ମାନଙ୍କୁ ଜଣାଇଥିଲେ।

## ଖରିରେ ଅଗ୍ନିକାଣ୍ଡ : ଅଢେଇ ଏକର ଧାନ ଭସ୍ମୀଭୂତ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ବ୍ଲକ ମୁଣ୍ଡିପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଲାକିରା ଗ୍ରାମର ରବି ପାତ୍ରଙ୍କ ଧାନ ଖରିରେ ଅଗ୍ନିକାଣ୍ଡ ଘଟି ଅଢେଇ ଏକର ଚାଷର ଧାନ ଭସ୍ମିଭୂତ ହୋଇଯାଇଛି । ଶ୍ରୀ ପାତ୍ରଙ୍କ ବିଲରେ ଧାନ ଚାଷ କାର୍ଯ୍ୟ ସାରି ଖଳାରେ ଧାନ ଖରି ମାରି ରଖିଥିଲେ । କିଛିଦିନ ପରେ ସେ ଧାନ ମଡ଼ାଇ ମଣ୍ଡିରେ ଦେଇ ସରକାରଙ୍କ ଠାରୁ ଉପଯୁକ୍ତ ପ୍ରାପ୍ୟ ପାଇଥାନ୍ତେ । ସ୍ଥାନୀୟ ଲୋକେ ଅଗ୍ନିକାଣ୍ଡ ଖବର ବାଉଁଶୁଣୀ ଦମକଳ ବାହିନିକୁ ଦେଇଥିଲେ ହେଁ ଦମକଳ ବାହିନି ନିଆଁକୁ ଆୟତ୍ତ କରିବା ଆଗରୁ ଧାନ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା । ତେବେ କୌଣସି ଦୁର୍ବୃତ୍ତ ଏହି ଧାନ ଖରିରେ ନିଆଁ ଲଗାଇ ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଥିବା ସ୍ଥଳେ ସମ୍ପୃକ୍ତ ଚାଷୀଙ୍କ ବର୍ଷସାକର ପରିଶ୍ରମ ଓ ଖର୍ଚ୍ଚ ପୋଡି ପାଉଁଶ ହୋଇଯାଇଛି ।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2024-T-193

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 6 (ଛଅ) ସଂଖ୍ୟକ (ହରିଶଙ୍କର ରୋଡ୍-3 ଏବଂ ଖରିଆର ରୋଡ୍-3) ଲିଫ୍ଟଗୁଡ଼ିକର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 3,25,36,752.46, **EMD :** ₹ 3,12,700/-

(2) ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2024-T-194

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 6 (ଛଅ) ସଂଖ୍ୟକ (ଟିଟିଲାଗଡ଼-1, କେସିଙ୍ଗା-1, ଭବାନୀପାଟଣା-1, ରେଢ଼ାଖୋଲ-3) ଲିଫ୍ଟଗୁଡ଼ିକର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 3,25,40,911.49, **EMD :** ₹ 3,12,700/-

**କାର୍ଯ୍ୟ ଶେଷ ହେବା ଅବଧି :** ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 (ଛଅ) ମାସ (ଉଭୟ କ୍ରମ ସଂ. ପାଇଁ)

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.02.2024ରିଖ 1630 ଘଟିକାରେ (କ୍ରମ ସଂ. 1 ନିମନ୍ତେ) ଏବଂ ତା.09.02.2024ରିଖ 1130 ଘଟିକାରେ (କ୍ରମ ସଂ. 2 ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-1011/O/23-24



ଭୁବନେଶ୍ୱର : ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ଅବସରରେ ରାଜଧାନୀର ରାମମନ୍ଦିରରେ ରାମ ଓ ହନୁମାନ ବେଶରେ ଦୁଇ କୁନିଭକ୍ତ । (ଫଟୋ : ସମ୍ବାଦ କଳିକା)

# ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡାଙ୍କ ପରଲୋକ



**କଟକ, ନ୍ୟୁଜ ବ୍ୟୁରୋ**

ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କର ସୋମବାର କଟକ ସିଡିଏସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସାମ୍ବାଦିକ ଜଗତରେ ଗଭୀର ଶୋକ ପ୍ରକାଶ ପାଇଛି। ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ।

ଦୀର୍ଘଦିନ ଧରି ଶ୍ରୀ ପଣ୍ଡା 'ସମାଜ' ଖବର କାଗଜର ସାମ୍ବାଦିକ ଭାବେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ ସେ ମୁକ୍ତବୃତ୍ତ ସାମ୍ବାଦିକ ଭାବେ ବିଭିନ୍ନ ସମ୍ବାଦପତ୍ରରେ ନିୟମିତ ଭାବେ ସ୍ତମ୍ଭ ଲେଖି ଆସୁଥିଲେ । ବିଶେଷ କରି ସମାଜର ବିଭିନ୍ନ ଜ୍ୱଳନ୍ତ ସମସ୍ୟା ଉପରେ ତାଙ୍କର ଲେଖା ଗୁଡିକ ବିଭିନ୍ନ ମହଲରେ ବେଶ୍ ଆଦୃତିଲାଭ କରିଥିଲା।

### 'ସମ୍ବାଦ କଳିକା' ସମ୍ପାଦକଙ୍କ ଶୋକ

ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କ ପରଲୋକରେ 'ସମ୍ବାଦ କଳିକା' ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ସ୍ୱର୍ଗତ ପଣ୍ଡା ସାମ୍ବାଦିକତା କ୍ଷେତ୍ରରେ ଅନେକ ସଫଳତା ଓ ସ୍ୱୀକୃତି ଲାଭ କରିଛନ୍ତି। ବିଭିନ୍ନ ସମସ୍ୟା ଉପରେ ତାଙ୍କର ସ୍ୱତନ୍ତ୍ର ନିବନ୍ଧ ଗୁଡିକ ବେଶ୍ ଉପାଦେୟ ହୋଇପାରିଥିଲା। ସାମ୍ବାଦିକମାନଙ୍କ ସ୍ୱାର୍ଥରକ୍ଷା କ୍ଷେତ୍ରରେ ମଧ ତାଙ୍କର ଅବଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ ବୋଲି ଶ୍ରୀ ରାୟ ଉଲ୍ଲେଖ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

# କଂଟ୍ରୋଲ ଡିଲରଙ୍କ ଲାଇସେନ୍ସ ୬ ମାସ ପାଇଁ ବଢିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାଧାରଣ ବଂଟନ ବ୍ୟବସ୍ଥାରେ ସମ୍ପୃକ୍ତ ସୁଲଭ ମୂଲ୍ୟ ଦୋକାନ ଡିଲର ମାନଙ୍କ ଲାଇସେନ୍ସ ୬ ମାସ ପାଇଁ ନବୀକରଣ କରାଯିବ। ଯେଉଁ ଡିଲର ମାନଙ୍କ ବିରୁଦ୍ଧରେ ଖାଉଟିମାନଙ୍କ ଅଭିଯୋଗ ନାହିଁ କିମ୍ବା ଯାହା ବିରୁଦ୍ଧରେ ଜରୁରୀ ଦ୍ରବ୍ୟ ଆଇନ୍ ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ କେବଳ ସେହି ଡିଲର ମାନଙ୍କ ଲାଇସେନ୍ସ ନବୀକରଣ କରାଯିବ। ୧.୪.୨୦୨୪ରୁ ୩୦.୯.୨୪ ପର୍ଯ୍ୟନ୍ତ ଲାଇସେନ୍ସ ନବୀକରଣ କରିବାକୁ ରାଜ୍ୟ କ୍ୟାବିନେଟ୍ ମଂଜୁରି ପ୍ରଦାନ କରିଛି। ସୂଚନା ଅନୁଯାୟୀ ରାଜ୍ୟରେ ମୋଟ ୧୩,୨୯୬ ସୁଲଭ ମୂଲ୍ୟ ଦୋକାନ କରିଛି। ସେଥିରୁ ୬୬୨୧ ଟି ଆନୁଷ୍ଠାନିକ ଡିଲର ଓ ୬୬୭୫ ଟି ବେସରକାରୀ ଡିଲର ରହିଛନ୍ତି। ସେମାନଙ୍କ ଲାଇସେନ୍ସ ସମୟସୀମା ୩୧.୩.୨୦୨୪ ରହିଛି।

## ନାବାଳିକା ଦୁଷ୍କର୍ମ ମାମଲା

# ଦୁଇ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ୍‌ଦଣ୍ଡ ଓ ୩୦ ହଜାର ଜରିମାନା

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଗତ ୨୦୧୬ମସିହାରେ ସଂଗଠିତ ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଫାଷ୍ଟଟ୍ରାକ କୋର୍ଟର ବିଚାରପତି ଦୁଇ ଅଭିଯୁକ୍ତ ମଇନ ବାବା ଓ ପ୍ରଭାତ ମଲ୍ଲିକଙ୍କୁ ପୃଥକ ଭାବେ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଜରିମାନା ଦେବା ଲାଗି ଆଦେଶ ପ୍ରଦାନ କରିଛନ୍ତି । ସୂଚନା ମୁତାବକ ଗତ ୨୦୧୬ମସିହା ଜୁଲାଇ ୭ରେ ତିର୍ତ୍ତୋଲ ଅଞ୍ଚଳର ଜଣେ ୧୪ ବର୍ଷର ନାବାଳିକାର ଦେହ ଖରାପ ହୋଇଥିଲା । ଦେହ ଭଲ ନହେବାରୁ ବାପା-ମା' ତାକୁ ଡାହାଣୀ ଲାଗିଥିବାର ସନ୍ଦେହ କରି ଗୁଣିଆ ଖୋଜିବା ସହ ତିର୍ତ୍ତୋଲ ଅଞ୍ଚଳର ଧୂଆଁପାରୀ ଗ୍ରାମର ଗୁଣିଆ ମଇନା ବାବା ଓରଫ ଅକ୍ଷୟ କୁମାର ନାୟକ (୬୪)ଙ୍କ ନିକଟରେ ପହଞ୍ଚିଥିଲେ । ମଇନ ବାବା ଝିଅକୁ ଝଡା ଫୁଙ୍କା କରିବାକୁ ପଡିବ ବୋଲି ତା'ର ବାପାକୁ କହିଥିଲେ । ପରେ ବାପା ଝଡା ଫୁଙ୍କା କରିବା ଲାଗି ଗୁଣିଆ ପାଖକୁ ଝିଅକୁ ଆଣିଥିଲେ । ଉକ୍ତ ଦିନ ମଇନ ବାବା ଓରଫ ଅକ୍ଷୟ ଓ ତା'ର ସହଯୋଗୀ ପାଟକୁରା ଥାନା ଅନ୍ତର୍ଗତ ନଗିପଡା ଗ୍ରାମର ପ୍ରଭାତ ମଲ୍ଲିକ ନାବାଳିକାକୁ ଝଡା ଫୁଙ୍କା କରିବା ପାଇଁ ଏକ ଘରକୁ ନେଇ ଝାଡ଼ିବା ନାଁରେ ଉଭୟେ ଦୁଷ୍କର୍ମ କରିଥିଲେ। ନାବାଳିକା ସେଠାରୁ ଆସି ଏ ସମ୍ପର୍କରେ ବାପା-ମା'ଙ୍କୁ ସବୁ କଥା କହିଥିଲା । ପରିବାର ପକ୍ଷରୁ ଏନେଇ ତିର୍ତ୍ତୋଲ ଥାନାରେ ଏତଲା ଦେଇଥିଲା। ଏତଲା ପାଇ ପୋଲିସ କେସ ନମ୍ବର ୨୫୨/ ୧୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ଚାଲୁ ରଖିଥିଲା । ଉକ୍ତ ମାମଲାକୁ ଫାଷ୍ଟ ଟ୍ରାକ କୋର୍ଟର ବିଚାରପତି ଅଜୟ କୁମାର ମହାନ୍ତି ବିଚାର କରି ମୁଦାଲା ଅକ୍ଷୟ କୁମାର ନାୟକ ଓ ପ୍ରଭାତ ମଲ୍ଲିକଙ୍କୁ ପୃଥକ ଭାବେ ପୋକସୋ ଦଫାରେ ଦଣ୍ଡିତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଜରିମାନା ଦେବାଲାଗି ଆଦେଶ ପ୍ରଦାନ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୯ମାସ ଜେଲ ଦଣ୍ଡ ଭୋଗିବା ଲାଗି ଆଦେଶରେ ଉଲ୍ଲେଖ କରାଯାଇଛି। ଏଥି ସହିତ ସମ୍ପୃକ୍ତ ନାବାଳିକାକୁ ଆଇନସେବା ପ୍ରାଧିକରଣ ପକ୍ଷରୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଆଇନଜୀବୀ ଦୋଳଗୋବିନ୍ଦ ଦାଶ ପରିଚାଳନା କରିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRPARA
INVITATION FOR BIDS (SHORT NOTICE)
eerw_kpd@yahoo.com
O-2272
'E' PROCUREMENT NOTICE NO.RWD / KPD-11 / 2023-24 DT. 20.01.2024

| | | |
|---|---|---|
| 1. | Name of work | : Building works in the District of Kendrapara for the year 2023-24 |
| 2. | Total No of work | : 24 Numbers of Building work. |
| 3. | Estimated Cost | : Rs.44.48 Lakhs to 47.73 Lakhs approximately |
| 4. | Period of Completion | : As Specified in the Annexure |
| 5. | Class of contractors | : As Specified in the Annexure |
| 6. | Cost of tender paper | : Cost of tender paper is to be remitted ONLINE as specified in column-5 of the Annexure. |
| 7. | Detail projects | : As Specified in the Annexure |

Other details as follows:

| | | |
|---|---|---|
| a) | Procurement officer | : Executive Engineer Rural Works Division, Kendrapara |
| b) | Availability of tender online | : 25.01.2024 at 11:00 AM to 08.02.2024 up to 5:00 PM |
| c) | Last date & time of seeking of tender clarification | : 07.02.2024 up to 5.00 PM |
| d) | Opening of Tender | : 09.02.2024 at 11:00 AM |
| e) | Decision to conduct Lottery | : If required, to decide the agency, transparent Lottery shall be conducted on dt 16.02.2024 at 11.00 A.M in Office Chamber of the undersigned. |

Further details can be seen form the Govt. website www.tendersorissa.gov.in

Sd/- Rajesh Pradhan
Executive Engineer
Rural Works Division
Kendrapara

OIPR-25064/11/0013/2324

ଭୁବନେଶ୍ୱର
୨୩ ଜାନୁଆରୀ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଆଜିଠୁ ବିଜେଡ଼ିର ପରିବାର ସମ୍ପର୍କ ଅଭିଯାନ

**ଭୁବନେଶ୍ୱର, ୨୨/୧**
**ନ୍ୟୁଜ ବ୍ୟୁରୋ**




ଆସନ୍ତାକାଲି ଅର୍ଥାତ ଜାନୁଆରୀ ୨୩ ନେତାଜୀ ଜୟନ୍ତୀରୁ ବିଜୁ ଜନତା ଦଳ 'ପରିବାର ସମ୍ପର୍କ ଅଭିଯାନ' ଆରମ୍ଭ କରିବ। ଜାନୁଆରୀ ୨୩ରୁ ଆରମ୍ଭ ହୋଇ ଏହି ପରିବାର ସମ୍ପର୍କ ଅଭିଯାନ ମାର୍ଚ୍ଚ ୫ ବିଜୁ ଜୟନ୍ତୀ ଯାଏ ଚାଲିବ। ଏହି ପରିବାର ସମ୍ପର୍କ ଅଭିଯାନରେ ବଜୁ ଜନତା ଦଳ ପ୍ରତି ପରିବାରରେ ପହଞ୍ଚିବ। ଲିଫ୍‌ଲେଟ୍ ମାଧ୍ୟମରେ କ୍ୟାମ୍ପେନ କରିବା ସହ ନବୀନ ସରକାରଙ୍କ ସଫଳତା ଓ ସବୁ ଯୋଜନା ବାବଦରେ ଲୋକଙ୍କୁ ଅବଗତ କରିବ। ଏନେଇ ବଜେଡ଼ିର ବରିଷ୍ଠ ନେତା ତଥା ବିଧାୟକ ଦେବୀ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପ୍ରତି ବର୍ଷ ପରି ଗତ ବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଜୟପ୍ରକାଶ ନାରାୟଣ ଜୟନ୍ତୀ ଯାଏ ଜନ ସମ୍ପର୍କ ପଦଯାତ୍ରା ହୋଇଥିଲା। ତା'ପରେ ପ୍ରତି ନିର୍ବାଚନ ମଣ୍ଡଳୀର ୨୦୦ ପ୍ରତିନିଧିଙ୍କୁ ଶଙ୍ଖ ଭବନରେ ବିଭିନ୍ନ ପ୍ରସଙ୍ଗରେ ଟ୍ରେନିଂ ଦିଆଯାଇଥିଲା। ଡ଼ିସେମ୍ବର ୨୫ ସୁଦ୍ଧା ଜୋନ ସ୍ତରୀୟ ଟ୍ରେନିଂ ସମ୍ପୂର୍ଣ୍ଣ ହୋଇଛି। ଆସନ୍ତାକାଲି ଜାନୁଆରୀ ୨୩ ନେତାଜୀ ଜୟନ୍ତୀରୁ ମାର୍ଚ୍ଚ ୫ ବିଜୁ ଜୟନ୍ତୀ ଯାଏ ପରିବାର ସମ୍ପର୍କ ଅଭିଯାନ କରାଯିବ। ଘରେ ଘରେ ପହଞ୍ଚିବା ସହ, ଲିଫ୍‌ଲେଟ୍ ମାଧ୍ୟମରେ କ୍ୟାମ୍ପେନ କରାଯିବ। ନବୀନ ସରକାରଙ୍କ ସଫଳତା ଘରେ ଘରେ ପହଞ୍ଚାଇବାକୁ କାର୍ଯ୍ୟକ୍ରମ ହେବ। ଏହାକୁ ସ୍ଥାନୀୟ ନେତୃତ୍ୱ ଅନୁପାଳନ କରିବେ। ଜିଲ୍ଲା ପର୍ଯ୍ୟବେକ୍ଷକ ଏହାକୁ ତଦାରଖ କରିବେ। ଏହି କାର୍ଯ୍ୟକ୍ରମ ଜରିଆରେ ବିଜେଡ଼ିର ନେତୃବୃନ୍ଦ ରାଜ୍ୟର ପ୍ରତିଟି ପରିବାର ନିକଟରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ବାର୍ତ୍ତାକୁ ପହଞ୍ଚାଇବେ ବୋଲି ଜଣାପଡ଼ିଛି। ଏନେଇ ଦଳର ବରିଷ୍ଠ ନେତା ତଥା ବିଧାୟକ ଅମର ପ୍ରସାଦ ଶତପଥୀ ଅଧିକ ସୂଚନା ଦେଇ କହିଛନ୍ତି, ଆମେ ପ୍ରତି ପରିବାର ସହ ସମ୍ପର୍କ ନିବିଡ଼ ରଖିଛୁ। ଏହାକୁ ଆହୁରି ନିବିଡ଼ କରିବାକୁ ଗୋଟେ ପରିବାରର ଆବଶ୍ୟକତା ସମ୍ପର୍କରେ ତଥ୍ୟ ନେବାକୁ ପରିବାର ସମ୍ପର୍କ ଅଭିଯାନ ହେବ। ସମାଜର ସବୁ ବର୍ଗର ସମୃଦ୍ଧ କରିବାକୁ ଏହା ହେବ। ଆମେ ପଦଯାତ୍ରା କରିଛୁ। ସରକାରଙ୍କ ଯୋଜନାକୁ ଠିକ ଭାବେ ପହଞ୍ଚାଇବାକୁ ଓ ଆଉ କ'ଣ କରି ହେବ ସେ ନେଇ ମତ ନିଆଯିବ। ଏହା ହିଁ ହେଉଛି 'ପରିବାର ସମ୍ପର୍କ ଅଭିଯାନ' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅମର ପ୍ରସାଦ ଶତପଥୀ କହିଛନ୍ତି।



ଭୁବନେଶ୍ୱର : ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ଓ ପ୍ରାଣପ୍ରତିଷ୍ଠା ଅବସରରେ ରାଜଧାନୀର ରାମମନ୍ଦିରରେ ଭକ୍ତମାନଙ୍କ ଅସମ୍ଭାଳ ଭିଡ଼। (ଫଟୋ : ସମ୍ବାଦ କଳିକା)

# ଜନ୍ମଭୂମିରେ ବିରାଜିଲେ ରାମଲାଲା : ପ୍ରଭୁଙ୍କ ଚିତ୍ତାକର୍ଷକ ରୂପ ଦେଖିଲା ବିଶ୍ୱ

**ଅଯୋଧ୍ୟା, ୨୨/୧**





ଯେଉଁ ମୁହୂର୍ତ୍ତକୁ ଅଗଣିତ ଭକ୍ତ ବହୁବର୍ଷ ଧରି ଅପେକ୍ଷା କରି ରହିଥିଲେ ତାହାର ଅନ୍ତ ହୋଇଛି। ବହୁ ପ୍ରତୀକ୍ଷିତ ଅଯୋଧ୍ୟା ରାମ ମନ୍ଦିରର ଗର୍ଭଗୃହରେ ପ୍ରତିଷ୍ଠା ହୋଇଛନ୍ତି ଶ୍ରୀରାମ ଲାଲା। ଶୁଭ ମୁହୂର୍ତ୍ତରେ ମନ୍ତ୍ରପାଠ ସହ ହୋଇଛି ପ୍ରଭୁଙ୍କ ପ୍ରତିଷ୍ଠା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଜମାନ ଭାବେ ଏହା ସମ୍ପନ୍ନ କରିଛନ୍ତି । ଗର୍ଭଗୃହରେ ପ୍ରାଣ ପ୍ରତିଷ୍ଠା ପରେ ରାମଲାଲାଙ୍କ ଚିତ୍ତାକର୍ଷକ ହସ ଓ ଅଲୌକିକ ରୂପକୁ ସାରା ବିଶ୍ୱ ଦେଖୁଛି। ଗର୍ଭଗୃହରେ ସୁନା ବେଶରେ ରାମଲାଲାଙ୍କ ମନୋରମ ମୂର୍ତ୍ତି ମନ ମୋହୁଛି। ପ୍ରଧାନମନ୍ତ୍ରୀ ପ୍ରଥମେ ପବିତ୍ର ସରଯୁ ନଦୀରେ ସ୍ନାନ ତର୍ପଣ ପରେ ପୂର୍ବ ଦିଗରେ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ପରେ ପ୍ରାଣ ପ୍ରତିଷ୍ଠା ରୀତିନୀତି ଅରମ୍ଭ ହୋଇଥିଲା। ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ସହ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ରାଜ୍ୟପାଳ ଆନନ୍ଦି ବେନ ମଧ୍ୟ ଗର୍ଭଗୃହରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ସମୟରେ ଉପସ୍ଥିତ ରହିଥିଲେ। ସେପଟେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ସାରା ଅଯୋଧ୍ୟା ସହର ରାମମୟ ହୋଇପଡ଼ିଛି। ହଜାର ହଜାର ଭକ୍ତଙ୍କ ସହ ସାଧୁ, ସନ୍ଥ, ଆଚାର୍ଯ୍ୟ ଏବଂ ପୁରୋହିତଙ୍କ ସମେତ ଆମନ୍ତ୍ରିତ ଅତିଥିମାନେ ଏହି ଉତ୍ସବରେ ଉପସ୍ଥିତ ରହିଥିଲେ। ପ୍ରଭୁ ଶ୍ରୀରାମଙ୍କ ସ୍ୱାଗତ ପାଇଁ କ୍ରିଷ୍ଟାଲ, କ୍ରିଷ୍ଟାଲ ଫୁଲ, ଆଲୋକମାଳାରେ ସୁସଜ୍ଜିତ ହୋଇଛି ଅଯୋଧ୍ୟା ନଗରୀ। ରାମନାମ ମନ୍ତ୍ରରେ ପ୍ରତିଧ୍ୱନିତ ହେବା ସହ ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ହୋଇଛି ଦେଶ ତଥା ବିଦେଶର ବହୁ ବଡ ବ୍ୟକ୍ତିତ୍ୱ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ସେମାନେ ସମସ୍ତେ ରାମଲାଲାଙ୍କ ଆଗରେ ନତମସ୍ତକ ହୋଇଛନ୍ତି । ଏହା ସହିତ ସମଗ୍ର ବିଶ୍ୱ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ପାଲଟିଛି। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ୮୪ସେକେଣ୍ଡର ଶୁଭ ସମୟ ୧୨ଟା ୨ରୁ ଆରମ୍ଭ ହୋଇ ୧୨ଟା ୩୦ ମିନିଟ ୩୨ ସେକେଣ୍ଡ ପର୍ଯ୍ୟନ୍ତ ଥିଲା। ଏହି ସମୟରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଛି।

# କିଟ୍ ଲ' ସ୍କୁଲ୍‌ରେ ଏନଡିଆଇଇଏଏସ୍-୨୦୨୪ ଆଲୋଚନାଚକ୍ର



**ଭୁବନେଶ୍ୱର,୨୨ ।୧ ନ୍ୟୁଜ ବ୍ୟୁରୋ**
କିଟ୍ ଲ' ସ୍କୁଲରେ ସୋମବାର ପରିବେଶ ମାନବବିଜ୍ଞାନର ନୂତନ ଦିଗ ଓ ଚିନ୍ତାଧାରା ଉପରେ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ର (ଏନଡିଆଇଇଏଏସ୍-୨୦୨୪) ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଆଲୋଚନାଚକ୍ରରେ ପରିବେଶ ମାନବବିଜ୍ଞାନ, ଗ୍ରୀନ୍ କ୍ରାଇମ୍, ଇକୋ-କ୍ରିଟିସିଜମ୍, ଇକୋ-ଫେମିନିଜମ, ସ୍ଥାୟୀ ବିକାଶ, ଜୈବ ବିବିଧତା ଓ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ସାଂପ୍ରତିକ ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରାଯିବ। ଏନଡିଆଇଇଏଏସ୍ -୨୦୨୪ର ଉଦ୍ଦେଶ୍ୟ ହେଉଛି 'ମାନବିକତା, ପରିବେଶ ଏବଂ ସାମାଜିକ ରାଜନୈତିକ ଗତିଶୀଳତା' ମନୁଷ୍ୟ ବଞ୍ଚିବା ଏବଂ ପରିବେଶ ସ୍ଥାୟିତ୍ୱକୁ ପ୍ରଭାବିତ କରୁଥିବା ସାମାଜିକ-ରାଜନୈତିକ ଏବଂ ଆଇନଗତ ଢାଞ୍ଚା ମଧ୍ୟରେ ପରସ୍ପର ସମ୍ପର୍କକୁ ଅନୁସନ୍ଧାନ କରିବା। କିଟ୍ ଲ' ସ୍କୁଲ ନିର୍ଦ୍ଦେଶକ ପ୍ରଫେସର ଡ. ରୋଜ୍ ଭର୍ଗିସ୍ କହିଲେ, ଏନ୍‌ଡିଆଇଇଏଏସ୍ -୨୦୨୪ର ଉଦ୍ଦେଶ୍ୟ ହେଉଛି ମାନବିକତା ଏବଂ ପରିବେଶ ମଧ୍ୟରେ ସମ୍ପର୍କ ବିଷୟରେ ଆମର ବୁଝାମଣାକୁ ପୁନଃ ନିର୍ଦ୍ଧାରଣ କରିବା ଏବଂ ପରିବେଶ ଆହ୍ୱାନର ମୁକାବିଲା କରିବା। ଏହି ଆଲୋଚନାଚକ୍ର ଏକ ସ୍ଥାୟୀ ପରିବେଶ ଉପରେ ସେମାନଙ୍କର ପ୍ରଭାବକୁ ଆକଳନ କରିବ। ଉଦ୍‌ଘାଟନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କିସ୍ ଉପ-କୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଏବଂ ସଂସ୍କୃତି ମନ୍ତ୍ରଣାଳୟର ଆଇଜିଆରଏମ୍‌ଏସ୍ ନିର୍ଦ୍ଦେଶକ ପ୍ରଫେସର ଅମିତାଭ ପାଣ୍ଡେ, ଏନଡିଆଇଇଏଏସ୍-୨୦୨୪ର ଆବାହକ ଡ. ତୁଳିଶ୍ରୀ ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଆଲୋଚନାଚକ୍ରରେ ପରିବେଶ ମାନବବିଜ୍ଞାନ, ଆଇନ ଓ ରାଜନୀତିର ବିଶେଷଜ୍ଞ ଅଧ୍ୟାପକମାନେ ସାମିଲ ହୋଇଛନ୍ତି। ଏହି ଆଲୋଚନାଚକ୍ର ଏକ ସ୍ଥାୟୀ ଭବିଷ୍ୟତ ଦିଗରେ ପରିବର୍ତ୍ତନମୂଳକ ଆଲୋଚନା ଏବଂ ସହଯୋଗୀ ପ୍ରୟାସ ପାଇଁ ଏକ ମାଧ୍ୟମ ହେବ ବୋଲି ଉପସ୍ଥିତ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ନଳୀକୁମ୍ଭା ଜଙ୍ଗଲରେ ଯବାନ-ମାଓବାଦୀ ଗୁଳିବିନିମୟ

**ବୌଦ୍ଧ,୨୨/୧ ନ୍ୟୁଜ ବ୍ୟୁରୋ**
ପୁଣି ନଳୀକୁମ୍ଭା ଜଙ୍ଗଲରେ ଏସଓଜି ଯବାନ ଓ ମାଓବାଦୀ ମଧ୍ୟରେ ଗୁଳିବିନିମୟ ଘଟିଛି। ସୋମବାର ଅପରାହ୍ନରୁ ଆରମ୍ଭ ହୋଇଥିଲା ସର୍ଚ୍ଚ ଅପରେସନ । ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ନଳୀକୁମ୍ଭା ଜଙ୍ଗଲରୁ ଗତ ମାସରେ ମାଓବାଦୀ-ସୁରକ୍ଷା ବହିନୀ ସହ ଗୁଳିବିନିମୟ ହୋଇ ଛତ୍ରଭଙ୍ଗ ଦେଇଥିଲେ ୩୦-୪୦ ମାଓବାଦୀ । ସେଠାରୁ ମାଓ କ୍ୟାମ୍ପ ଧ୍ୱଂସ ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଥିଲା ବୌଦ୍ଧ ପୁଲିସ । ନଳୀକୁମ୍ଭା ଜଙ୍ଗଲରେ ପୁଣି ମାଓବାଦୀ ସକ୍ରିୟ ଥିବା ଖବର ପାଇ ସୋମବାର ଅପରାହ୍ନ ୫ ଟାରୁ ହୋଇଥିଲା ସର୍ଚ୍ଚ ଅପରେସନ । ବର୍ତ୍ତମାନ ସୁଦ୍ଧା ଗୁଳି ବିନିମୟ ଜାରି ରହିଥିବା ଜଣାପଡ଼ିଛି।



